

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 DECEMBER 2020

Vol.No. 30 ■ No. 305 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଜ୍ୟରେ ଆଉ ୬ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୭୫୦ ହେଲା

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୫୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ୨ ଜଣ ଥିବା ବେଳେ ବାଲେଶ୍ୱର, ଖୋର୍ଧା, ଝାରସୁଗୁଡା ଓ ମୟୁରଭଂଜ ଜିଲ୍ଲାର ଜଣେ ଜଣେ ଅଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୮୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ଗଂଜାମ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୮ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ଝାରସୁଗୁଡା ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୭୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ ।

ଗୋଟିଏ ଦିନରେ ଆଉ ୬୬୦ ସୁସ୍ଥ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ରାଜ୍ୟରୁ ବୁଧବାର ଦିନ ଆଉ ୬୬୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କ ମିଶାଇ ରାଜ୍ୟରେ ଏଯାବତ ୩୧୩୩୯୪ଜଣ କରୋନା ଆକ୍ରାନ୍ତ ଆଜି ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ଏହି ସୂଚନା ଦେଇଛି। ମୟୁରଭଞ୍ଜରୁ ଆଜି ୫୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଅନୁଗୁଳରୁ ୫୫ଜଣ, ଖୋର୍ଧାରୁ ୫୪ଜଣ, ସୁନ୍ଦରଗଡ଼ରୁ ୪୬ଜଣ, ବଲାଙ୍ଗୀରରୁ ୪୨ଜଣ,

▶▶ପୃଷ୍ଠା ୭

ଲିଙ୍ଗରାଜ ମନ୍ଦିର ପାଇଁ ଆସିବ ସ୍ୱତନ୍ତ୍ର ଆଇନ୍ : ମୁଖ୍ୟମନ୍ତ୍ରୀ

ଏକାମ୍ରକ୍ଷେତ୍ର ପ୍ରକଳ୍ପ କାମ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପାଇଁ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ବୁଧବାର ଅପରାହ୍ନରେ ଏକାମ୍ରକ୍ଷେତ୍ର ବିକାଶ ପ୍ରକଳ୍ପ ବୁଲି ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୁରୀ ଶ୍ରୀମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଆଇନ୍ ଦ୍ୱାରା ପରିଚାଳିତ ହେବ । ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରକୁ ଯାଇ ସେଠାରୁ ମହାପଭୁଙ୍କୁ ପ୍ରଣାମ ଜଣାଇଥିଲେ ଏବଂ ସେବାୟତ ମାନଙ୍କ ସହିତ ଆଲୋଚନା କରିଥିଲେ । ବର୍ତମାନ ସରକାର ଅମଳରେ ବିନ୍ଦୁସାଗର ଠାରୁ ଆରମ୍ଭ କରି ପୁରୁଣା ଭୁବନେଶ୍ୱର ଅଂଚଳରେ ଅନେକ ବିକାଶ କାର୍ଯ୍ୟ ହୋଇଥିବାରୁ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ଦେବୀ ପାଦହରା ପୁଷ୍କରିଣୀ ବୁଲି ଦେଖିବା ସହ ବିନ୍ଦୁସାଗର ମଠଘାଟ ଠାରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ । ଏକାମ୍ରକ୍ଷେତ୍ର ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ବ୍ୟକ୍ତି ମାନଙ୍କୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ

▶▶ପୃଷ୍ଠା ୭

ଏଣିକି ୪୦୦ ଟଙ୍କାରେ କରୋନା ପରୀକ୍ଷା

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଏଣିକି ମାତ୍ର ୪୦୦ ଟଙ୍କାରେ ହୋଇପାରିବ କରୋନା ପରୀକ୍ଷଣ । ବୁଧବାର ଦିନ ଘରୋଇ ଲ୍ୟାବ୍ ରେ କରୋନା ଟେଷ୍ଟ ଫି ନିର୍ଦ୍ଧାରଣ କରିଛନ୍ତି ରାଜ୍ୟ ସରକାର । ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଘରୋଇ ଲ୍ୟାବ୍ ରେ ଆରଟିପିସିଆର ଟେଷ୍ଟ ପାଇଁ ଜିଏସଟି ସହ ଟେଷ୍ଟ ଫି' ୪ଶହ ଟଙ୍କା ଧାର୍ଯ୍ୟ କରାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ପୂର୍ବରୁ ଘରୋଇ ଲାବ୍ ରେ କରୋନା ପରୀକ୍ଷା ପାଇଁ ୨୨୦୦ ଟଙ୍କା ଦେବାକୁ ପଡୁଥିଲା । ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର କୋଭିଡ୍ ଆରଟି ପିସିଆର ପରୀକ୍ଷା ଦର ୨୨୦୦ ଟଙ୍କାରୁ ୧୨୦୦ ଟଙ୍କାକୁ ହ୍ରାସ କରିଥିଲେ । ଘରୋଇ ଲାବୋରୋଟୋରି ଗୁଡ଼ିକ ପକ୍ଷରୁ କରାଯାଉଥିବା ଟେଷ୍ଟ ଭୁବନେଶ୍ୱରର ଆରଏମ୍‌ଆରସି ତତ୍ୱାବଧାନରେ ହେବ ଏବଂ ଆଇସିଏମ୍‌ଆର୍ ଗାଇଡ୍ ଲାଇନ ଅନୁସାରେ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

ଦିଲ୍ଲୀ ଚାଷୀ ଆନ୍ଦୋଳନ ନିଆଁ ଓଡ଼ିଶାରେ

ପ୍ରଧାନମନ୍ତ୍ରୀ, କୃଷିମନ୍ତ୍ରୀ ଓ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍‌କୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଥିଲା ବେଳେ ଏହାକୁ ସମର୍ଥନ ଜଣାଇ ରାଜ୍ୟର ପ୍ରମୁଖ କୃଷକ ସଂଗଠନ ନବନିର୍ମାଣ କୃଷକ ସଂଗଠନ ଗତକାଲି ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲା ବେଳେ ଆଜି ଅପରାହ୍ନ ୪ଟା ସମୟରେ ମାଷ୍ଟର କ୍ୟାଂଟିନ ଛକରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି, କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, କେନ୍ଦ୍ରମନ୍ତ୍ରୀ ଭି.କେ. ସିଂହଙ୍କ କୁଶପୁତ୍ତଳିକା ଦାହ କରିଛି । ସୂଚନାଯୋଗ୍ୟ ଯେ ଖଟ୍ଟର ଚାଷୀଙ୍କୁ ଖଲିସ୍ତାନ ଆନ୍ଦୋଳନକାରୀ କହିଥିବା ବେଳେ ଭି.କେ ସିଂହ ଚାଷୀ ଆନ୍ଦୋଳନକୁ ଆସିଥିବା ଲୋକମାନେ ଚାଷୀଭଳି ଦେଖାଯାଉ ନାହାଁନ୍ତି ବୋଲି କହିଥିଲେ । ଆଜି ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକାରେ ଅଗ୍ନି ସଂଯୋଜକ କରି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, ସାରା ଭାରତରେ ଚାଷୀ ମନରେ ଯେଉଁ ନିଆଁ ଲାଗିଛି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରୀ ଯେଉଁଭଳି ଭାବରେ ଚାଷୀ ଆନ୍ଦୋଳନକୁ ଓ ଚାଷୀମାନଙ୍କୁ ଆକ୍ଷେପ କରୁଛନ୍ତି ଓ ଅପମାନ ଦେଉଛନ୍ତି, ତା ବିରୁଦ୍ଧରେ ଏହି ଆନ୍ଦୋଳନ । ଭାରତ ସରକାର ମନେ ରଖିବା ଉଚିତ୍ ଯେ, ଏହି ଆନ୍ଦୋଳନ ଦେଶର ୮୦ ଭାଗ ଲୋକଙ୍କ ଆନ୍ଦୋଳନ । ଚାଷୀମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଚାଷୀଙ୍କୁ ଅପମାନିତ କରି ଦେଶରେ କୌଣସି ଦଳ ଶାସନ ରହିପାରିବେ ନାହିଁ ।

▶▶ପୃଷ୍ଠା ୭

୩ ଦିନିଆ ରିମାଣ୍ଡରେ ଯିବେ ପାଠକ ବାପପୁଅ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଗିରଫ ହୋଇଥିବା ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ ଓ ପୁଅ ଆକାଶ ଆସନ୍ତାକାଲିଠାରୁ ୩ ଦିନିଆ ରିମାଣ୍ଡରେ ଯିବେ । ଉଭୟଙ୍କୁ ରିମାଣ୍ଡରେ ନେବା ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏସଆଇଟିକୁ ଅନୁମତି ଦେଇଛନ୍ତି । ଏସଆଇଟି ସେମାନଙ୍କୁ ରିମାଣ୍ଡରେ ନେଇ ବେଆଇନ୍ ସମ୍ପତି ଠୁଳ ସମ୍ପର୍କରେ ଅଧିକ ପଚରାଉଚରା କରିବ ।

ଅନ୍ୟପକ୍ଷରେ ଅଭୟ ପାଠକଙ୍କ ଘରୁ ସିସିଟିଭି ଫୁଟେଜ୍ ଜବତ ହୋଇଛି । କିଏ କିଏ ତାଙ୍କ ଘରକୁ ଯାଇଥିଲେ ସେ ନେଇ ଛାନ୍‌ଭିନ୍ ଆରମ୍ଭ ହୋଇଛି । ଅପରପକ୍ଷରେ ବାପ-ପୁଅଙ୍କ ବିରୋଧରେ ଖାରବେଳ ନଗର ଥାନାରେ ଟ୍ରାଭେଲ୍ ଏଜେନ୍ସି ସ୍କାଏ କିଙ୍ଗ ପକ୍ଷରୁ କରାଯାଇଥିବା ୬୫ ଲକ୍ଷର ଠକେଇ ଅଭିଯୋଗର ମଧ ତଦନ୍ତ ଆରମ୍ଭ ହୋଇଛି । ଏଜେନ୍ସିର କହିବା କଥା ଗତ ଜୁନରୁ ନଭେମ୍ବର ୧୬ ଯାଏଁ ସଂସ୍ଥା ସହିତ ଆକାଶ ପାଠକଙ୍କ ଯାତ୍ରା ସମ୍ପର୍କ ରହିଥିଲା । ସେ ୧୦ରୁ ଅଧିକ ଥର ଚାର୍ଟର ଫ୍ଲାଇଟ୍‌ଯୋଗେ ଭୁବନେଶ୍ୱରରୁ ବିଭିନ୍ନ ରାଜ୍ୟକୁ ଉଡ଼ାଣ କରିଛନ୍ତି । ଏମିତିକି ବିଳାସମୟ ହୋଟେଲ୍ ରେ ପାଠକ ପରିବାର ଓ ସମ୍ପର୍କୀୟ ରହିଥିବା ଏଜେନ୍ସି କହିଛି।

ପୋଲିସ ବିଭାଗର ସବୁ ଜରୁରୀ ସହାୟତା ପାଇଁ ଗୋଟିଏ ନମ୍ବର- ୧୧୨

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଏଣିକି ସବୁ ଜରୁରୀ ସହାୟତା ପାଇଁ ଗୋଟିଏ ନମ୍ବର ଡାଏଲ୍ କରିବାକୁ ପଡ଼ିବ । ରାଜ୍ୟରେ ପୋଲିସ ପକ୍ଷରୁ ଯୋଗାଇ ଦିଆଯାଉଥିବା ସବୁ ଜରୁରୀ ସହାୟତା ପାଇଁ ଗୋଟିଏ ନମ୍ବର ଲୋଡା । ୧୧୨ ଡାଏଲ କଲେ ମିଳିପାରିବ ଅତ୍ୟାବଶ୍ୟକ ସହାୟତା । ପୋଲିସ ଆମ୍ବୁଲାନ୍ସ, ଦମକଳ ତଥା ମହିଳା ହେଲ୍‌ପ ଲାଇନ ଭଳି ବିଭିନ୍ନ ଜରୁରୀ ସେବା ପାଇଁ ଆଉ ଭିନ୍ନ ଭନ୍ନ ନମ୍ବରକୁ ଡାଏଲ କରିବାକୁ ପଡିବ ନାହିଁ । ଏହା ତୁରନ୍ତ କାର୍ଯ୍ୟକାରୀ ହେବ । ଜନସାଧାରଣଙ୍କ ସୁବିଧା ତଥା ତ୍ୱରିତ ସେବା ଯୋଗାଣକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ବିଭିନ୍ନ ସହାୟତା ନମ୍ବର ଯଥା ୧୦୦, ୧୦୧, ୧୦୨, ୧୦୪, ୧୦୮, ୧୮୧ ଓ ୧୦୯୮ ଏସବୁକୁ ଏକୀଭୂତ କରି

▶▶ପୃଷ୍ଠା ୭

କରୋନା ଆକ୍ରାନ୍ତଙ୍କ ଘରେ ଲାଗିବନି ପୋଷ୍ଟର

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଏଣିକି କରୋନା ଆକ୍ରାନ୍ତଙ୍କ ଘର ସମ୍ମୁଖରେ କୋଭିଡ-୧୯ ପୋଷ୍ଟର ଲାଗିବ ନାହିଁ। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ଦିନ ରାଜ୍ୟର ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲଟିର କମିଶନର ଓ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପତ୍ର ଲେଖିଛନ୍ତି । ଶ୍ରୀ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ

▶▶ପୃଷ୍ଠା ୭

ରୋଟାରୀ କ୍ଲବ ତରଫରୁ ଶୀତବସ୍ତ୍ର ବଂଟନ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ତରଫରୁ ସ୍ଥାନୀୟ କଳ୍ପନାଛକ ଓ ଜାରକାସ୍ଥିତ ସେବକ ଜରାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । କୋଭିଡ୍ ନିୟମ ଅନୁପାଳନ ପୂର୍ବକ କୋଲକାତା ସ୍ଥିତ କେନ୍ଦ୍ରୀୟ ଅନ୍ତଃଜଳ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ରୋଟାରୀ କ୍ଲବ ଭୁବନେଶ୍ୱର-୧ର ସଭାପତି ରୋଟାରିଆନ ଡଃ. ବସନ୍ତ କୁମାର ଦାସ, ୨୫୦ଜଣ ମାନସିକ ଅନଗ୍ରସର ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଂଟନ କରିଥିଲେ । ଏହି କାର୍ଯ୍ୟରେ କ୍ଲବର ପୂର୍ବତନ ସଭାପତି ରୋଟାରିଆନ ତପନ ଷଡ଼ଙ୍ଗୀ ଓ ରୋଟାରିଆନ ବିଜୟ ଅଗ୍ରୱାଲା ସହଯୋଗ କରିଥିଲେ । ରୋଟାରୀ କ୍ଲବର ଏଭଳି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଉଚ୍ଚ ପ୍ରଶଂସା କରିଛନ୍ତି।

'ପରୀ'ହତ୍ୟା ମାମଲାର ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ

ବାଲେଶ୍ୱର,୨।୧୨(ନି.ପ୍ର): ଅପହରଣ ପରେ ହତ୍ୟା ହୋଇଥିବା ନୟାଗଡ଼ ଜିଲ୍ଲା କୁନୀଝିଅ 'ପରୀ'ର ପିତାମାତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାରଙ୍କ ସମେତ ଓଡ଼ିଶା ପୁଲିସର ଅବହେଳାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ବକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଛାତ୍ର ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ଥାନୀୟ ସିନେମାଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ତୀବ୍ର ସମାଲୋଚନା କରିଥିଲେ । ଏହି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ସହ ମାମଲାକୁ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର ପାଇଁ ଛାତ୍ରନେତାମାନେ ଦାବି କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏବିଭିପିର ରାଜ୍ୟ ସହ-ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ, ରଜତ କୁମାର ପାତ୍ରଙ୍କ ସମେତ ତାପସ କୁମାର ସାହୁ, ଶତଦ୍ରୀ ଦତ୍ତ, ଜ୍ୟୋତିର୍ବିଦ୍ୟା ନାୟକ, ବବିତା ସାହୁ, ମହେନ୍ଦ୍ର ପ୍ରତାପ ଜେପା, ସଂଜୟ କୁମାର ପ୍ରଧାନ ପ୍ରମୁଖ କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

ଆତ୍ମନିର୍ଭର ଭାରତରେ ତୈଳ ଓ ଗ୍ୟାସ କ୍ଷେତ୍ର ପାଇଁ ୨୦୩୦ର ଭିଜନ ୱେବିନାର

୨୦୨୨ ସୁଦ୍ଧା ଅଶୋଧିତ ତୈଳ ଆମଦାନୀ ୧୦% ହ୍ରାସ କରିବାକୁ ରୋଡମ୍ୟାପ୍ ପ୍ରସ୍ତୁତ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୨।୧୨ (ନି.ପ୍ର): ୨୦୨୨ ସୁଦ୍ଧା ଦେଶର ଅଶୋଧିତ ତୈଳ ଆମଦାନୀ ୧୦ ପ୍ରତିଶତ ହ୍ରାସ କରିବା ପାଇଁ ଭାରତ ସରକାର ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ବୋଲି ବୁଧବାର ସ୍ୱରାଜ୍ୟ ପକ୍ଷରୁ ଆୟୋଜିତ "ଆତ୍ମନିର୍ଭର ଭାରତରେ ତୈଳ ଓ ଗ୍ୟାସ କ୍ଷେତ୍ର ପାଇଁ ୨୦୩୦ର ଭିଜନ" ଶୀର୍ଷକ ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଇଜ୍ ଅଫ୍ ଡୁଇଂ ବିଜନେସକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦା ଅଭିବୃଦ୍ଧିର ନେତୃତ୍ୱ ନେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ଭାରତ ବିଶ୍ୱ ପ୍ରାଥମିକ ଉର୍ଜାର କେବଳ ୬ ପ୍ରତିଶତ ବ୍ୟବହାର କରୁଛି । ଏହା ସତ୍ତ୍ୱେ ଭାରତର ମୁଣ୍ଡ ପିଛା ଉର୍ଜା ବ୍ୟବହାର ବିଶ୍ୱ ହାରାହାରିର ଏକ ତୃତୀୟାଂଶ ରହିଛି । ମାତ୍ର ଏଥିରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହୋଉଛି । ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦା ଅଭିବୃଦ୍ଧିର ନେତୃତ୍ୱ ନେବ କାରଣ ୨୦୪୦ ସୁଦ୍ଧା ଭାରତର ନିଜର ବାର୍ଷିକ ଉର୍ଜା ବ୍ୟବହାରରେ ୩ ପ୍ରତିଶତ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି । ୨୦୪୦ ସୁଦ୍ଧା ମଜବୁତ୍ ଅର୍ଥନୈତିକ ଅଭିବୃଦ୍ଧି ସହ ଭାରତର ମୋଟ ବିଶ୍ୱ ପ୍ରାଥମିକ ଉର୍ଜା ଚାହିଦାର ସେୟାର ଦୁଇ ଗୁଣା ବୃଦ୍ଧି ପାଇ ପ୍ରାୟ ୧୧ ପ୍ରତିଶତ ହେବ ।

▶▶ପୃଷ୍ଠା ୭

ପରିବେଶ ପତ୍ରିକା ହେନ୍ତାଳର ଲୋକାର୍ପଣ ଉତ୍ସବ

କେନ୍ଦ୍ରାପଡ଼ା,୨।୧୨ (ନି.ପ୍ର): କେନ୍ଦ୍ରାପଡାରୁ ପ୍ରକାଶ ପାଉଥିବା ପରିବେଶ ସମ୍ବନ୍ଧୀୟ ମାସିକ ପତ୍ରିକା "ହେନ୍ତାଳ" ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାସ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ କୁମାର ମହାନ୍ତି ମୁଖ୍ୟ ବକ୍ତା, ସାମ୍ବାଦିକ ଆଶିଷ ସେନାପତି, ଜଗନ୍ନାଥ ଧଳଙ୍କ ସମେତ ବାବାଜୀ ଧଳ, ଗୟାଧର ଧଳ, ଶୁଭ୍ରାଂଶୁ ଦାସ, ମନ୍ମଥ ବରାଳ, ଚାରୁଲତା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱ ପ୍ରସିଦ୍ଧ ଭିତରକନିକା ଓ ହେନ୍ତାଳ ବନ ସମେତ ପରିବେଶ ସମ୍ବନ୍ଧୀୟ ସଚେତନତା ଜାଗ୍ରତ କରି ଏହାର ସୁରକ୍ଷା ଦିଗରେ ବ୍ୟାପକ ଜନମତ ସୃଷ୍ଟି କରିବା ଲକ୍ଷ୍ୟ ରଖା ଯାଇଛି । ଜିଲ୍ଲାର ଏହି ମନଲୋଭା ପ୍ରାକୃତିକ ପରିବେଶ ଓ ପର୍ଯ୍ୟଟନ ସ୍ଥଳୀର ଆକର୍ଷଣ କୁ ଜନ ସାଧାରଣଙ୍କୁ ଅବଗତ କରାଇବା ଏହାର ମୁଖ୍ୟ ଲକ୍ଷ ବୋଲି ସୂଚନା ମିଳିଥିଲା । କବି ତଥା ପରିବେଶ ବିତ୍ ଓ ସଂପାଦକ ହେମନ୍ତ କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି ସଭାରେ ପ୍ରଭୁ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କିରିଥିଲେ ।

ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର

କୋରେଇ,୨।୧୨ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗଳି ପୋଲ ନିକଟରେ ସୋମବାର ରାତ୍ରୀରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆହତ ଜଣଙ୍କ ଯାଜପୁର ସଦର ଥାନା ଅର୍ନ୍ତଗତ ମାଳଆନନ୍ଦପୁର ଗ୍ରାର ମଦନ କାଣ୍ଡିଙ୍କ ପୁଅ ମୁରଲୀ ବୋଲି ଜଣାପଡିଛି । ମୁରଲୀ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ପଥରପଦା ଗଳି ପୋଲ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଫଳରେ ସେ ରାସ୍ତାରେ ପଡି ଗରୁତର ଆହତ ହୋଇ ଚେତାଶୂନ୍ୟ ଅବସ୍ଥାରେ ପଡିଥିଲେ । ଖବର ପାଇ ପାଣିକୋଇଲି ପୁଲିସ ପୋଟ୍ରୋଲିଙ୍ଗ ଗାଡି ସେଠାରେ ପହଂଚି ଆହତ ମୁରଲୀଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି । ଅନ୍ୟପକ୍ଷରେ ମୁରଲୀଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରବର୍ତି ସମୟରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

କୋରେଇ,୨।୧୨ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗଳି ପୋଲ ନିକଟରେ ସୋମବାର ରାତ୍ରୀରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆହତ ଜଣକ ଯାଜପୁର ସଦର ଥାନା ଅର୍ନ୍ତଗତ ମାଳଆନନ୍ଦପୁର ଗ୍ରାମର ମଦନ କାଣ୍ଡିଙ୍କ ପୁଅ ମୁରଲୀ ବୋଲି ଜଣାପଡିଛି । ମୁରଲୀ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପଥରପଦା ଗଳି ପୋଲ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଫଳରେ ସେ ରାସ୍ତାରେ ପଡି ଗରୁତର ଆହତ ହୋଇ ଚେତାଶୂନ୍ୟ ଅବସ୍ଥାରେ ପଡିଥିଲେ । ଖବର ପାଇ ପାଣିକୋଇଲି ପୁଲିସ ପୋଟ୍ରୋଲିଙ୍ଗ ଗାଡି ସେଠାରେ ପହଂଚି ଆହତ ମୁରଲୀଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି । ଅନ୍ୟପକ୍ଷରେ ମୁରଲୀଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରବର୍ତି ସମୟରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ଓ ପରେ ପ୍ରତାରଣାକୁ ନେଇ ଥାନାରେ ମାମଲା

ବାରିପଦା,୨।୧୨ (ନି.ପ୍ର): ପ୍ରଥମ ସାକ୍ଷାତରୁ ପରସ୍ପର ମଧ୍ୟରେ ପ୍ରେମ ଓ ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ଶେଷରେ ପ୍ରେମିକାକୁ ପ୍ରତାରଣା କରି ଅନ୍ୟତ୍ର ବିବାହ ଘଟଣାକୁ ନେଇ ପ୍ରତାରିତା ହେନ୍ଥିବା ଯୁବତୀ ଜଣକ ନ୍ୟାୟ ପାଇବା ପାଇଛ ବାରିପଦା ଟାଉ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୁଲିସ ପକ୍ଷରୁ ଥାନାରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୭୬(୨)(ଏନ), ୪୧୭, ୪୨୦ ଓ ଆରଡ଼ବ୍ଲ୍ୟୁ ସେକ୍ସନ ୩(୨)(ଭି)ଅଫ ଏସସି/ଏସଟି ପିଓଏ ଆକ୍ଟ ଅନୁସାରେ କେଶ ନମ୍ବର ୮୫୬/ ୦୧.୧୨.୨୦୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଆଜକୁ ୬ ବର୍ଷ ପୂର୍ବେ ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧୩ ଶ୍ରୀପଦଗଞ୍ଜ ଅଂଚଳର ଅନୁସୂଚିତ ଜାତି ସମ୍ପ୍ରଦାୟର ଝୁମୁ ମୁଖୀ(୨୬)ଙ୍କ ସହିତ ତଖତପୁର କଲୋନୀସାହି ଅଂଚଳର ସାଧାରଣ ବର୍ଗ ସମ୍ପ୍ରଦାୟର ପ୍ରଦୀପ ମିଶ୍ର(୩୩)ଙ୍କ ପ୍ରଥମ ଦେଖାଚାହାଁ ହୋଇଥିଲା ଏବଂ ଏହି ପ୍ରଥମ ସାକ୍ଷାତରେ ଉଭୟ ଉଭୟଙ୍କୁ ଭଲ ପାଇ ବସିଥିଲେ ଏବଂ ପ୍ରଦୀପ ମିଶ୍ର ଝୁମୁ ମୁଖୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇଥିଲେ । ଉଭୟଙ୍କ ମଧ୍ୟରେ ସାକ୍ଷାତ ସମୟରେ ଝୁମୁ ମୁଖୀ ପ୍ରଦୀପ ମିଶ୍ରଙ୍କୁ ବିବାହ ପ୍ରସଙ୍ଗରେ ପ୍ରଶ୍ନ କରୁଥିବା ବେଳେ ଝୁମୁ ଅନୁସୂଚିତ ଜାତି ସମ୍ପ୍ରଦାୟର ହୋଇଥିବାରୁ ଘରେ ରାଜି ହେଉ ନାହାନ୍ତି, ମାତ୍ର ପ୍ରଦୀପ ଝୁମୁକୁ ବିବାହ କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସହ ତା ସହିତ ବାରମ୍ବାର ଶାରିରୀକ ସମ୍ପର୍କ ରଖିଆସୁଥିଲା । ଏହି ସମୟରେ ୬ ମାସ ପୂର୍ବେ ପ୍ରଦୀପ ଅନ୍ୟ ଜଣକୁ ବିବାହ କରି ସାରିଥିବାର ଝୁମୁ ଆଜି ଜାଣିବାକୁ ପାଇଥିଲା । ଶେଷରେ ପ୍ରଦୀପ ବିବାହର ମିଛ ପ୍ରତିଶ୍ରୁତି ଦେଇ ଝୁମୁର ଜୀବନ ସହିତ ଖେଳି ଆସୁଥିବାରୁ ଝୁମୁ ନ୍ୟାୟ ପାଇବା ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଥିବାର ଜଣାପଡ଼ିଛି ।

ଆତ୍ମାହୁତି ଓ ହାଜତ ମୃତ୍ୟୁ ଘଟଣା ରାଜ୍ୟ ତଥା ଦେଶ ପାଇଁ ଦୁର୍ଭାଗ୍ୟ ଜନକ : କଂଗ୍ରେସ

ଭୁବନେଶ୍ୱର,୨।୧୨ (ନି.ପ୍ର): ନୟାଗଡ଼ ପରି ହତ୍ୟା ଘଟଣାରେ ବିଧାନସଭା ସମ୍ମୁଖରେ ହୋଇଥିବା ଆତ୍ମାହୁତି ଓ ହାଜତ ମୃତ୍ୟୁ ଘଟଣା ରାଜ୍ୟ ତଥା ଦେଶ ପାଇଁ ଏକ ଦୁର୍ଭାଗ୍ୟ ଜନକ । ରାଜ୍ୟବାସୀଙ୍କର ଧନ ଓ ଜୀବନ ସୁରକ୍ଷା ଓ ସାମାଜିକ ନ୍ୟାୟ ଦେବା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପିସିସି ସଭାପତି ନିରଂଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ପରି ଘଟଣା ପରେ କୋଟ ତତ୍ୱାବଧାନରେ ତଦନ୍ତ କରାଯିବା ନେଇ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ ହେଲେ ହେଁ ଏହି ସମସ୍ତ ଘଟଣା ପାଇଁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ ଦୃଷ୍ଟାନ୍ତ ସୃଷ୍ଟି କରିବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି । ଆଜି ପିସିସି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରି କହିଥିଲେ ଯେ, ରାଜ୍ୟ ସରକାରଙ୍କର ଗୁଇନ୍ଦା ସଂସ୍ଥା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି । ପରି ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାରେ ଏଫ.ଆଇ.ଆର ଦିଆଯିବାର ୪ ମାସ ବିତି ଯାଇଥିଲେ ହେଁ ପୋଲିସ ତାର ତଦନ୍ତ ନ କରିବା କାରଣ କଣ ବୋଲି ପ୍ରଶ୍ନ କରିଥିଲେ । ପରିବାରକୁ ନ୍ୟାୟ ଦେବାରୁ କାହିଁକି ବଂଚିତ କରାଗଲା । ଗତ ଜୁଲାଇ ୧୪ ତାରିଖରେ ଏହି ଘଟଣା ଘଟିଥିଲା । ଏବଂ ୬ ଦିନ ପରେ ପରିର ଶବକୁ ଉଦ୍ଧାର କରାଯାଇଥିଲା । ପୋଲିସ କିପରି ଜାଣି ପାରିଲା ନାହିଁ ? ତାର ବାପା ମା ନ୍ୟାୟ ପାଇବା ପାଇଁ ବିଧାନସଭା ସମ୍ମୁଖକୁ ଆସି ଆତ୍ମାହୁତି ଦେବାପାଇଁ ଉଦ୍ୟମ କରିଥିଲେ । ପୋଲିସର ତ୍ରିସ୍ତରୀୟ ବ୍ୟାରିକେଟ୍ ଅତିକ୍ରମ କରି ସେମାନେ କିପରି ଆସିଲେ ତାହା ଗୁଇନ୍ଦା ସଂସ୍ଥା କିପରି ଜାଣି ପାରିଲା ନାହିଁ । ପରେ ଆଉ ଦୁଇଟି ଘଟଣାରେ ମା, ପୁଅ ଏବଂ ଆଠଗଡ଼ର ଚାଷୀମାନେ ଅନୁରୂପ ଭାବେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେବାକୁ ପ୍ରଚେଷ୍ଟା କରିଥିଲେ । ଏହା ବ୍ୟତୀତ ପୁରୀ ଏବଂ ବୀରମିତ୍ରପୁର ହାଜତ ମୃତ୍ୟୁ ଘଟଣା ଦୁଃଖତ ବୋଲି କହିଥିଲେ । ଶ୍ରୀ ପଟ୍ଟନାୟକ ବିଜେପି ଦଳକୁ ସମାଲୋଚନା କରି କହିଥିଲେ ଯେ, ପରୀ ଘଟଣାରେ କଂଗ୍ରେସ ଦଳ ଯେଭଳି ଭାବେ ଲଢ଼ିବା କଥା ତାହା ଲଢ଼ିନାହିଁ ବୋଲି ବିଜେପି ଯେଉଁ ଅଭିଯୋଗ କରୁଛି ତାହା ବିଭ୍ରାନ୍ତ ମୂଳକ । ସରକାରଙ୍କ ଦ୍ୱାରା ମ୍ୟାନେଜ୍ ହୋଇଥିବାରୁ ସେମାନେ ଏହା ଉପରେ ବିଧାନସଭାରେ ବେଶି ଗୁରୁତ୍ୱ ଦେଲେ ନାହିଁ । ବିଜେପି ଓ ବିଜେଡ଼ି ଭାଇ ଭାଇ ବୋଲି ରାଜନୀତି ମହଲରେ ବିଶେଷ ଭାବେ ଚର୍ଚ୍ଚା ହେଉଥିଲା ବେଳେ ସେଥିରୁ ମୁକ୍ତି ପାଇବା ପାଇଁ ବିଜେପି ଏବେ ଡ୍ରାମା ଆରମ୍ଭ କରିଛି । ଦୀର୍ଘ ୨୦ ବର୍ଷ ଶାସନ କାଳରେ ଆଇନ ଶୃଙ୍ଖଳା ସମ୍ପର୍କିତ ଯେତେ ଘଟଣା ଘଟିଯାଇଛି ସେତେବେଳେ ବିଜେପି କୋଉଠି ଥିଲା ବୋଲି ପ୍ରଶ୍ନ କରିଛନ୍ତି । ସେ ସବୁ ଘଟଣା ଉପରେ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ସହ ତଦନ୍ତ ପାଇଁ ଦାବି କରାଯାଇଛି । ସାମ୍ବାଦିକ ମାନଙ୍କର ଏକ ପ୍ରଶ୍ନର ଉତର ଦେଇ ସେ କହିଥିଲେ ଯେ, ପରୀ ଘଟଣାରେ ବିଜେପି ଯେଉଁ ମନ୍ତ୍ରୀଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବି କରିଛି । କଂଗ୍ରେସ ଦଳ ଏସଆଇଟି ଦ୍ୱାରା ତଦନ୍ତ କରିବା ପାଇଁ ଦାବି କରିଥିଲା । ତାକୁ ସରକାର ଗ୍ରହଣ କରିଛନ୍ତି । ହାଇକୋର୍ଟ ବିଚାରପତିଙ୍କର ତତ୍ୱାବଧାନରେ ଏହି ତଦନ୍ତ କରାଯିବ ବୋଲି ସରକାର ନୋଟିଫିକେସନ କରିଛନ୍ତି । ଏହା ଦ୍ୱାରା ଶିଘ୍ର ତଦନ୍ତ କାର୍ଯ୍ୟ ଶେଷ ହେବ । ଉପଯୁକ୍ତ ବିଚାର ଓ ନ୍ୟାୟ ମିଳିପାରିବ । ସିବିଆଇ ଦ୍ୱାରା ତଦନ୍ତ ହେଲେ ବହୁତ ସମୟ ନେବ ବୋଲି ସେ କହିଥିଲେ । ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମିତ ପାତ୍ର ଏ ସମ୍ପର୍କରେ ଯେଉଁ ଅଭିଯୋଗ କରିଛନ୍ତି ତାହା ବିଭ୍ରାନ୍ତ ମୂଳକ ହୋଇଥିବାରୁ ସେ କ୍ଷମା ମାଗିବା ଉଚିତ ।

ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ : ୧ ଲକ୍ଷ ୫ ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ

୩୫.୮ ଲିଟର ମଦ ଜବତ, ୩ ଗିରଫ

ଗଞ୍ଜାମ,୨।୧୨ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୩୦ ତାରିଖ ସକାଳ ୬ଟା ଠାରୁ ୧ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୧୮୬ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୯୩ ହଜାର ଟଙ୍କା ଆଦାୟ କରାଯାଇଛି । ମୁହଁରେ ମାସ୍କ ପିନ୍ଧି ନଥିବା ୫୬ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୧୧ ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହା ବ୍ୟତୀତ ସାମାଜିକ ଦୂରତା ଉଲ୍ଲଙ୍ଘନକାରୀଙ୍କ ନିକଟରୁ ୧ ହଜାର ଟଙ୍କା ଆଦାୟ କରାଯାଇଥିଲା । ଏହିପରି ମୋଟ୍ ୧ ଲକ୍ଷ ୫ ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ଚଢ଼ଉ କରି ପୋଲିସ ୩୫.୮ ଲିଟର ମଦ ଜବତ କରିଛି । ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଥାନାରେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ ହୋଇଛି ।

କନ୍ଧମାଳ ଜିଲ୍ଲାରେ ଶହଶହ ଏକର ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚାଷ,ଯେତେ କାଟିଲେ ସରୁନି

୧୯୫ ଏକର ଯାଗାରେ ଗଞ୍ଜେଇ ଚାଷକୁ ନଷ୍ଟ କଲେ ପୋଲିସ ଓ ଅବକାରୀ ବିଭାଗ

କନ୍ଧମାଳ,୨।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଥିବା ବିଭିନ୍ନ ଅଂଚଳର ସଂରକ୍ଷିତ ଜଙ୍ଗଲର ଶହଶହ ଏକର ଯାଗାରେ ବେଆଇନ ଗଞ୍ଜେଇ ଚାଷ ବେଧଡକ ଭାବରେ ଚାଲିଛି । ଦିର୍ଘଦିନ ଧରି ପୋଲିସ ଏବଂ ଅବକାରୀ ବିଭାଗ କାଟିଲେ ମଧ୍ୟ ସରିବାର ନା ନେଉନାହିଁ । ଆଜି ଫୁଲବାଣୀ ସଦରଥାନା ଅଂଚଳରେ ଥିବା ଜାମୁଝରୀ ଫଂଚାୟତର ବିଭିନ୍ନ ଗ୍ରାମରେ ଥିବା ସଂରକ୍ଷିତ ଜଙ୍ଗଲ ଜମିରେ କରାଯାଇଥିବା ୧୯୫ ଏକର ଅଂଚଳରେ ଚାଷ କରାଯାଇଥିବା ବେଆଇନ ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି । ଏହି ଅଭିଯାନରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବରେ ଜିଲ୍ଲା ଆପତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଯୋଗ ଦେଇଥିଲେ । ଫୁଲବାଣୀ ସଦରଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଏବଂ ଅବକାରୀ ବିଭାଗର ଏସ.ଆଇ ସୁରେଶ ତାଣ୍ଡି ଏବଂ ଅନ୍ୟ ବିଭାଗୀୟ କର୍ମଚାରୀଙ୍କୁ ନେଇ ବେଆଇନ ଗଞ୍ଜେଇ ଚାଷ ଗଛକୁ ନଷ୍ଟ କରିବା ପାଇଁ ଏକ ମିଳିତ ଅଭିଯାନ କରାଯାଇଥିଲା । ଫୁଲବାଣୀ ସଦରଥାନା ଅଂଚଳରେ ଥିବା ଜାମୁଝରୀ ଫଂଚାୟତର କଟିତାରା,କାଲିଗାଡା,ମାଳାସାଡ୍ରା ଏବଂ ଜାମୁଝରୀ ଅଂଚଳରେ ଥିବା ସଂରକ୍ଷିତ ଜଙ୍ଗଲର ୧୯୫ ଏକର ଯାଗାରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ କାଟି ସେଠାରେ ନଷ୍ଟ କରାଯାଇଛି । ଆଜିର ଏହି ଅଭିଯାନରେ ୨ପ୍ଲାଟୁନ ଶସସ୍ତ୍ର ଜବାନ ମାନଙ୍କ ସମେତ ଶ୍ରମିକ ମାନେ ଯୋଗ ଦେଇଥିଲେ । ଫୁଲବାଣୀ ସଦରଥାନାରେ ଏହି ସଂକ୍ରାନ୍ତରେ ଏକ ମାମଲା ୧୧୫/ ୨୦୨୦ ରୁଜୁ କରାଯାଇଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।

ଏ.ଏନ୍.ଏମ୍ ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ଯୁବ କଂଗ୍ରେସ

ଭୁବନେଶ୍ୱର,୨।୧୨ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ମଙ୍ଗଳବାର ଲୋୟର ପିଏମ୍‌ଜି ଠାରେ ଧାରଣାରେ ବସିଥିବା ଏ.ଏନ୍.ଏମ୍. ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଭେଟି ସେମାନଙ୍କର ସ୍ଥାୟୀ ନିଯୁକ୍ତି ଦାବିକୁ ସମର୍ଥନ ଜଣାଇଛି । କରୋନା ମହାମାରୀ ପରିସ୍ଥିତିରେ ପ୍ରକୃତ କରୋନା ଯୋଦ୍ଧା ଯେଉଁ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ କରୋନା ମହାମାରୀକୁ ନଡରି ଜନସାଧାରଣଙ୍କ ସେବା କରି ଆସୁଥିଲେ ସେମାନଙ୍କୁ ଛଟେଇ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦୀର୍ଘ ୫ ଦିନ ହେବ ଏହି କରୋନା ଯୋଦ୍ଧା ମା' ଭଉଣୀମାନେ ନିଜ ଘର ଛାଡି ଜୀବିକା ପାଇଁ ଧାରଣାରେ ବସିଥିବା ବେଳେ ରାଜ୍ୟ ସରକାର ନିଜର ଅହଂକାର ପରିଲିଖିତ କରି ସେମାନଙ୍କ ଦାବି ତ ଶୁଣିବା ଦୂରର କଥା ସେମାନଙ୍କ ସହ ଆଲୋଚନା କରିବା ପାଇଁ ମଧ୍ୟ ଆସୁନାହାନ୍ତି । ୪୮ ଘଂଟା ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଡ. ଲେଙ୍କା ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

ଏହି ପ୍ରତିନିଧି ଦଳରେ ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ସଂକୁନା କହଁର, ରଂଜିତ ପାତ୍ର, ନଳିନୀକାନ୍ତ ନାୟକ, ବିଶ୍ୱରଂଜନ ଦାସ, ଆଦିତ୍ୟ ପରିଡା, ଆଶୁତୋଷ ଲେଙ୍କା, କାର୍ତିକେଶ୍ୱର କାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ ।

ଦିନ ଦିପହରରେ ବୃଦ୍ଧଙ୍କଠାରୁ ଲୁଟିନେଲେ ପେନସନ ଟଙ୍କା ବ୍ୟାଗ୍ : ଥାନାରେ ଏତଲା

କନ୍ଧମାଳ,୨।୧୨ (ନି.ପ୍ର): ଫୁଲବାଣୀରେ ଦିନକୁ ଦିନ ଅପରାଧ ଏବଂ ମଦୁଆଙ୍କ ପ୍ରଦୁର୍ଭାବ ସାଙ୍ଗକୁ ଲୁଟେରାଙ୍କ ବଢିବାରେ ଲାଗିଛି । ସହରରେ ଅସମାଜିକ ମଦୁଆ ମାନେ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ଯାଗାରେ ମାରପିଟ କରୁଥିବାବେଳେ ବର୍ତମାନ ଦିନ ଦିପହରରେ ଜଣେ ବୃଦ୍ଧଙ୍କଠାରୁ ସେ ଉଠାଇଥିବା ୨୫ ହଜାର ପେନସନ ଟଙ୍କା ସହିତ ତାଙ୍କର ବ୍ୟାଙ୍କ ପାସବୁକ ଏବଂ ଅନ୍ୟାନ୍ୟ କାଗଜ ପତ୍ର ଥିବା ବ୍ୟାଗ ଲୁଟି ନେଇଛନ୍ତି ଲୁଟେରାମାନେ । ଏ ନେଇ ଆଜି ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଫୁଲବାଣୀ ଟାଉନ ଥାନା ପୋଲିସ ଏକ ମାମଲା ୧୫୩/ ୨୦୨୦ ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛନ୍ତି ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ । ଘଟଣା ଅନୁସାରେ ଆଜି ଦିନ ପ୍ରାୟ ଗୋଟାଏ ବେଳେ ଟିକାବାଲି ଆଂଚଳର ମାଷ୍ଟ୍ରପଡା ଅଂଚଳର କନିଷ୍ଠ ବେହେରା ନାମକ ଜଣେ ବ୍ୟକ୍ତି ଫୁଲବାଣୀ ଆହ୍ଲାବାଦ ବ୍ୟାଙ୍କରୁ ୨୫ ହଜାର ଟଙ୍କା ମେନସନ ଉଠାଣ କରି ଗୋଟିଏ ବ୍ୟାଗରେ ସେହି ଟଙ୍କା ସମେତ ତାଙ୍କର ଆଧାର କାର୍ଡ,ବ୍ୟାଙ୍କ ପାସବୁକ,ଭୋଟର ଆଇଡି କାର୍ଡ ଏବଂ ଅନ୍ୟାନ୍ୟ କାଗଜ ପତ୍ର ଧରିଥିଲେ । ସେ ଏହି ବ୍ୟାଗ ଧରି ଚାଲିଚାଲି ଫୁଲବାଣୀ ଜିରିଙ୍ଗପଡା ରାସ୍ତାରେ ଗାଁ କୁ ଯିବା ପାଇଁ ଯାଉଥିବାବେଳେ ଗୋଟିଏ ବାଇକ

ପସନ୍ଦ କରିପାରନ୍ତି ସର୍ଟ ଜ୍ୟାକେଟ

ଶୀତ ଓ ଗରମର ମଝି ସମୟରେ ଫେଶନ ଉପଯୋଗୀ ପୋଷାକ ବାଛିବା କଷ୍ଟକର ହୋଇଯାଏ । ଏପରି କ୍ଷେତ୍ରରେ ୱେଷ୍ଟ କୋଟ ବା ସର୍ଟ ଜ୍ୟାକେଟ୍ ଭଲ ବିକଳ୍ପ ହୋଇପାରିବ । ବଜାରରେ ଫ୍ଲୋରାଏ, ଫ୍ରିଞ୍ଜଡ, ଟ୍ରାଇବାଲ, ଜିଓମେଟ୍ରିକାଲ, ଏମୋଡେରୀ ତଥା ରାଜସ୍ଥାନୀ ପିଣ୍ଟ ଡିଜାଇନର ସର୍ଟ ଜ୍ୟାକେଟ ମିଳୁଛି । ଏହାକୁ ସାର୍ଟ, କୁର୍ତ୍ତି, ଓ୍ୱାନପିସ ତଥା ଗୋଟିଏ ରଙ୍ଗର ପୋଷାକ ସହିତ ମିଶାଇ ପିନ୍ଧିଇବାରେ ସମସ୍ୟା ଅନୁଭବ କରୁଥିଲେ ସେମାନଙ୍କ ପାଇଁ ଏହି ୱେଷ୍ଟ କୋଟ ଭଲ କାମ ଦେବ । ଟପ ଏବଂ ମ୍ୟାକ୍ସିଡ୍ରେସ ସହିତ ବି ଏହା ଭଲ ମାନିଥାଏ ଯୁବପିଢ଼ିଙ୍କର ବିଶେଷ ପସନ୍ଦ ହେଉଥିବା ଏବଂ ଫେଶନରେ ରହିଆସିଥିବା କେତେକ ୱେଷ୍ଟ କୋଟ ହେଲା:

ଜୟପୁରୀ:- ଏହି ଡିଜାଇନର ୱେଷ୍ଟକୋଟ କୁର୍ତ୍ତି କିମ୍ବା ଟପରେ ପିନ୍ଧିପାରିବେ । ପ୍ଲେନ୍ କୁର୍ତ୍ତି ଏବଂ ଟପ୍ ସହିତ ଏହା ଭଲ୍ଲାନେ । ଅଫିସ କିମ୍ବା ବାହାରକୁ ବୁଲିବା ଲାଗି ଯାଉଥିଲେ ଏହା ପିନ୍ଧିହେବ ।

ଫ୍ଲୋରାଲ:-ହାଲ୍କା ରଙ୍ଗର ପାଶ୍ଚାତ୍ୟ କିମ୍ବା ପାରମ୍ପାରିକ ପୋଷାକ ସହିତ ଶିଫନର ଫ୍ଲୋରାଲ ୱେଷ୍ଟକୋଟ୍ ଖୁବ ସୁନ୍ଦର ଦିଶେ । ଫ୍ଲୋରାଲ ଡିଜାଇନ କେବେ ଫେଶନରୁ ବାଦ ଯାଇନାହିଁ । ପ୍ରିଣ୍ଟ ଥିବା ପୋଷାକ ସହିତ ମଧ୍ୟ ଏହା ପିନ୍ଧିପାରିବେ ।

ଭେଲଭେଟ୍:-ଦିନ ହେଉ କିମ୍ବା ରାତିରେ କୌଣସି ପାର୍ଟିକୁ ଯିବାକୁ ହେଲେ ଚମକଦାର ଭେଲଭେଟ କିମ୍ବା ଅଲଗା ପ୍ରକାର କପଡାର ୱେଷ୍ଟକୋଟ୍ ପିନ୍ଧିପାରିବେ ।

ଡେନିମ:- ଏହି ଫେଶନ ମଧ୍ୟ ସବୁଦିନଆ । ହାଲକା ଫୁଲକା ସୌନ୍ଦର୍ଯ୍ୟ ପାଇବା ଲାଗି ଏହି ଡିଜାଇନର ୱେଷ୍ଟକୋଟ ପିନ୍ଧିବା ଭଲ ।

ପାରମ୍ପାରିକଠାରୁ ପାଶ୍ଚାତ୍ୟ ଶୈଳୀର ପୋଷାକ, ସବୁଥିରେ ଏହା ଭଲ ମାନେ ।

ଉଲ ଡିଜାଇନ: ସାଦାସିଧା ଦେଖାଯିବା ଲାଗି ଧଳା ସାର୍ଟ ଉପରେ ନରମ ଉଲରେ କରାଯାଇଥିବା ୱେଷ୍ଟକୋଟ ପିନ୍ଧିପାରିବେ ।

ଉଚ୍ଚ ରକ୍ତଚାପ: ଏକ ନୀରବ ଘାତକ



ଭାରତରେ ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୪୦ ଭାଗ ରକ୍ତଚାପରେ ଆକ୍ରାନ୍ତ । ଏମାନଙ୍କ ମଧ୍ୟରୁ ଶତକଡ଼ା ୧୦ ଭାଗ ପ୍ରକୃତରେ ଚିକିତ୍ସା ପାଇଥିବାବେଳେ ଆଉ ୨୦ ଭାଗ ରୋଗ ଅଛି ବୋଲି ଜାଣନ୍ତି ନାହିଁ । କାରଣ, କେବେ ବି ତାଙ୍କର ବ୍ଲଡପ୍ରେସର ମାପନ ହୋଇନଥା, । ଅନ୍ୟମାନଙ୍କର ମାନସିକତା ଅସଦଭୁତ । ସେମାନଙ୍କର ଂହେତୁ କିଛି ଶାରୀରିକ ଅସୁସ୍ଥତା ଦେଖାଦେଉ ନପାହିଁ, ସେଥିପାଇ ଚିକିତ୍ସା ପ୍ରତ୍ୟାଖ୍ୟାନ କନ୍ତି । ଆଉ କେତେଜଣ ଚିକିତ୍ସିତ ହେଉଥିଲେ ମଧ୍ୟ ଠିକଠାକ୍ ଓଷଧ ଖାଆନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୫ଭାଗ ଲୋକ ପ୍ରତିଦିନ ଔଷଧ ଖାଆନ୍ତି । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ବର୍ଷକୁ ୭୫ଲକ୍ଷ ଲୋକ ରକ୍ତଚାପରେ ମୃତ୍ୟୁବରଣ କରୁଛନ୍ତି ଓ ମୃତ୍ୟୁର କାରଣମାନଙ୍କ ମଧ୍ୟରେ ଉଚ୍ଚରକ୍ତଚାପଜନିତ ହୃଦଘାତ ଓ ମସ୍ତିଷ୍କଘାତ ସବୁଠାରୁ ଅଧିକ । ସଚେତନତା ଉନ୍ନତମାନର ଚିକିତ୍ସା ଦ୍ୱାରା କାନାଡ଼ା, ଅଷ୍ଟ୍ରେଲିଆ ଓ ୟୁରୋପ ମହାଦେଶର ରକ୍ତଚାପ ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି ।

ଉଚ୍ଚ ରକ୍ତଚାପ ସହ ଜଡ଼ିତ କେତେକ କାରଣ:

ସ୍ଥାନ ପରିବର୍ତ୍ତନ ଆଫ୍ରିକାରୁ ଅନେକ ଲୋକ ଆମେରିକା ଆସି ବାସ କରୁଥିବାବେଳେ ସେମାନଙ୍କ ଖାଦ୍ୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି । ପାଶ୍ଚାତ୍ୟ ଲୋକଙ୍କ ଭଳି ଅଧିକ ଲୁଣ, ତେଲ ଓ ଚର୍ବି ଜାତୀୟ ଖାଦ୍ୟର ପ୍ରଚଳନ ଶାରୀରିକ ପରିଶ୍ରମ ହ୍ରାସ, ଧୂମପାନ ଓ ମଦପାନର ଅଭ୍ୟାସ ଆପଣାଇଛନ୍ତି । ନିଜ ଭିଟାମାଟି ଛାଡ଼ି ଅନ୍ୟତ୍ର ଖାପଖୁଆଇ ଚଳିବାଜନିତ ମାନସିକ ଚାପ ରକ୍ତଚାପ ବଢ଼ାଉଛନ୍ତି । ପ୍ରବାସୀ ଭାରତୀୟଙ୍କ କ୍ଷେତ୍ରରେ ବି ସେହି କଥା ।

ବୟସ ଭିତ୍ତିରେ:

୦ରୁ୧୮ ବର୍ଷ ବୟସ ମଧ୍ୟରେ ଏହି ରୋଗର ଦେଖିବାକୁ ମିଳେ ନାହିଁ । ୧୯-୪୦ ବର୍ଷ ବୟସ ମଧ୍ୟରେ ସାଧାରଣ ଭାବରେ ଦେଖିବାକୁ ମିଳିଥା, ।

ମେଦବହୁଳତା: ମେଦବହୁଳତାକୁ ହାଇ ବ୍ଲଡପ୍ରେସରର ଏକ ଗୁରୁତ୍ୱପୂର୍ଣ୍ଣ ଆଶଙ୍କା ବା କାରଣ ଭାବେ ଗ୍ରହଣ କରାଯାଏ ।

ଲିଙ୍ଗଭିତ୍ତିକ:

ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଯଦିଚ ଏହା ସମାନ ପରିମାଣରେ ଦେଖାଯାଏ, ତଥାପି କମ ବୟସର ପୁରୁଷ ଓ ଅଧିକ ବୟସର ମହିଳାଙ୍କ ମଧ୍ୟରେ ବେଶି ଦେଖାଦେଇଥାଏ ।

ଅନିୟନ୍ତ୍ରିତ ଖାଦ୍ୟ:- ଚଟପଟି ଖାଦ୍ୟ, ଡବା ଖାଦ୍ୟ, ଅଧିକ ଲୁଣ ଓ ଚର୍ବିଚାତୀୟ ଖାଦ୍ୟ ଏଥିପାଇଁ ଅନେକାଂଶରେ ଦାୟୀ ।

ଶାରୀରିକ ପରିଶ୍ରମର ଅଭାବ:

ଆଧୁନିକ ଜୀବନଶୈଳୀରେ ଏହା ସାଧାରଣ କଥା ହୋଇଯାଇଛି । ଏପରି ସ୍ଥିତିରେ ଅନେକ ମେଦବହୁଳତାର ଶିକାର ହୋଇଥାଆନ୍ତି । ମାନସିକ ଓ ଶାରୀରିକ ଚାପ ଏଥିପାଇଁ ଏକ ବଡ଼ କାରଣ ବୋଲି ଜଣାପଡ଼ିଛି ।

ବଂଶାନୁକ୍ରମିକ:

ପରିବାର ମଧ୍ୟରେ ଏହା ବହୁଳ ଭାବେ ଦେଖାଯୁଥିବାରୁ ଏହା ବଂଶାନୁକ୍ରମିକ ଭାବେ ଗ୍ରହଣ କରାଯାଇଛି ।



ରାଜଯୋଟକ କଣ

ଭାରତରେ ବିବାହ ବନ୍ଧନ ଅତି ଦୃଢ଼ ଓ ଦାମ୍ପତ୍ୟ ଜୀବନ ଅଟେ ପବିତ୍ର । ବିବାହ ବନ୍ଧନ ଦ୍ୱାରା ଦୁଇଟି ଆତ୍ମା ଯୋଡ଼ି ହୋଇଥାଏ । ତେଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଜାତକ (ଜନ୍ମକୋଷ୍ଠୀ) ମେଳ କରାଯାଇଥାଏ । ବେଦର ଚକ୍ଷୁ ଜ୍ୟୋତିଷ ଶାସ୍ତ୍ର ଅଟେ । ଏହି ଶାସ୍ତ୍ରାନୁମୋଦିତ ପଦ୍ଧତିରେ ଦେଖି କେଉଁ ଯୋଡ଼ି ଠିକ୍ ଏବଂ କେଉଁ ଯୋଡ଼ି ଠିକ୍ ନୁହେଁ ଜଣାଯାଏ । ପ୍ରସ୍ତାବିତ ବର ଓ କନ୍ୟାର ଦୁଇ ଜାତକ ମଧ୍ୟରେ ରାଜଯୋଟକ ମେଳକ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ଭାବରେ ଗଣନା କରାଯାଏ । ବର କନ୍ୟା ଉଭୟଙ୍କର ଏକ ରାଶି ହେଲେ କିମ୍ବା ବରରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ଚାରି ବା ଦଶ ହେଲେ ନଚେତ୍ ତୃତୀୟ ବା ଏକାଦଶ ହେଲେ ରାଜଯୋଟକ ବୋଲି କୁହାଯାଏ । ରାଜଯୋଟକ ହେଲେ ଗ୍ରହ ବୈରତା, ତାର ଅଶୁଦ୍ଧ ଗଣ ଅଶୁଦ୍ଧ, ବର୍ଣ୍ଣଦୋଷ ଓ ନାଡ଼ି ଦୋଷ ପ୍ରଭୃତିରେ ଅଶୁଭ ଫଳ ଖଣ୍ଡନ ହୁଏ ବୋଲି ଜ୍ୟୋର୍ତ୍ତିବିଦଙ୍କ ମତ ।



କେତେବେଳେ କେଶ କାଟିବା ଅନୁଚିତ୍

ଆମ ଦେଶରେ ଦୈନନ୍ଦିନ କାର୍ଯ୍ୟ ସହିତ ଜଡ଼ିତ ଅନେକ ପରମ୍ପରା ରହିଛି । ଯେପରି ସ୍ନାନ ପରେ ପୂଜା କରିବା, ଖାଇବା ପୂର୍ବରୁ ଗାଧୋଇବା, ମଙ୍ଗଳାର, ଶନିବାର ଓ ଗୁରୁବାର କେଶ ନ କାଟିବା ଇତ୍ୟାଦି । ଏସବୁ ମଧ୍ୟରେ ସବୁଠାରୁ ଗୁରୁତର ପ୍ରସଙ୍ଗ ହେଉଛି କେଶ କାଟିବା । ପ୍ରତ୍ୟେକ ଘରେ ପୁରୁଖା ଲୋକମାନେ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ କେଶ କାଟିବା ପାଇଁ ବାରଣ କରୁଥିବା କଥା ଆମେ ଜାଣିଛୁ । କାହିଁକି ଏପରି ନିୟମ ରହିଛି ଅନେକ ସମୟରେ ଆମ ମନରେ ପ୍ରଶ୍ନ ଆସିଥାଏ । ମହାକାଶ ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ରଗୁଡ଼ିକର ପୁରୁଣା ବହିଗୁଡ଼ିକ ଅଧ୍ୟୟନ କଲେ ଜଣାପଡ଼େ ଯେ, ଏହା ପଛରେ ସ୍ପଷ୍ଟ ବୈଜ୍ଞାନିକ କାରଣ ରହିଛି ।

♦ ବିଜ୍ଞାନ ଅନୁସାରେ ସପ୍ତାହରେ ଏଭଳି କେତୋଟି ଦିନ ଅଛି ଯେଉଁ ଦିନଗୁଡ଼ିକରେ ଗ୍ରହମାନଙ୍କଠାରୁ ଯେଉଁ କିରଣ ବାହାରିଥାଏ, ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଶନିବାର, ମଙ୍ଗଳବାର ଓ ଗୁରୁବାର ଦିନ ଗ୍ରହଗୁଡ଼ିକରୁ ବାହାରୁଥିବା କିରଣ ସିଧା ଆମ ମସ୍ତିଷ୍କ ଉପରେ ପଡ଼ିଥାଏ । ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗଟି ହେଉଛି ମସ୍ତିଷ୍କ । ମସ୍ତିଷ୍କର ମଝିଅଂଶ କୋମଳ ଓ ସମ୍ବେଦନଶୀଳ ହୋଇଥାଏ । ଯାହାର ସୁରକ୍ଷା କେଶ କରିଥାଏ । ତେଣୁ ଏହି ଦିନ ଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି ।

♦ ଶାସ୍ତ୍ର ଅନୁଯାୟୀ, ମଙ୍ଗଳବାର ଦିନ କେଶ କାଟିବା ଦ୍ୱାରା ଆମର ଆୟୁ ଆଠମାସ କମିଯାଇଥାଏ । ଗୁରୁବାର ଦିନକୁ ଦେବୀ ଲକ୍ଷ୍ମୀଙ୍କ ବାର କୁହାଯାଏ । ଏହିଦିନ କେଶ କାଟିବା ଦ୍ୱାରା ଜଣେ ସବୁବେଳେ ଦରିଦ୍ରତା ମଧ୍ୟରେ ଜୀବନ କାଟିଥାଏ ।

♦ ଶନିବାର ଦିନ ମଙ୍ଗଳଗ୍ରହର ଦିନ ହୋଇଥାଏ । ମଙ୍ଗଳଙ୍କ ନିବାସ ଆମ ରକ୍ତରେ ରହିଥାଏ । ରକ୍ତରୁ କେଶର ଉତ୍ପତ୍ତି ହୋଇଥାଏ । ସେହିଭଳି ଶନିବାର ଶନିଗ୍ରହଙ୍କ ଦିନ । ଶନିଗ୍ରହର ସିଧା ସମ୍ପର୍କ ଆମ ତ୍ୱଚା ସହିତ ଥାଏ । ତେଣୁ ମଙ୍ଗଳବାର ଓ ଶନିବାର ଦିନ କେଶ କାଟିବା ଦ୍ୱାରା ମଙ୍ଗଳ ଓ ଶନିଗ୍ରହର ଅଶୁଭ ପ୍ରଭାବ ପଡ଼ିପାରେ । ତେଣୁ ଏସବୁରୁ ରକ୍ଷା ପାଇବା ପାଇଁ ଏହି ଦିନଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି ।

କୁକୁଡ଼ାଙ୍କ ସୌନ୍ଦର୍ଯ୍ୟ ପ୍ରତିଯୋଗିତା

ଅଜବ ଘଟଣାମାନ ଆମ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ । ଏଇ ଯେମିତି ନିକଟରେ ଜୀନରେ କୁକୁଡ଼ାଙ୍କ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଖବରଟି ଅନ୍ତର୍ଜାତୀୟସ୍ତରରେ ଲୋକପ୍ରିୟ ହୋଇଛି । ସେଠାର ସିଞ୍ଚୁଆନ୍ ପ୍ରାନ୍ତରେ ଗୁଆଙ୍ଗଝାନ୍ ସହରରେ ମହାସମାରୋହରେ କୁକୁଡ଼ାଙ୍କ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଲୋକେ ନିଜ କୁକଡ଼ା ସହ ପ୍ରତିଯୋଗିତାରେ ଭାଗ ମଧ୍ୟ ନେଇଥିଲେ ଆୟୋଜକ ଦଳ ଗୋଟିଏ କୁକୁଡ଼ା ଭାଗ ନେବା ପଛରେ ୯୦୦ ଟଙ୍କା ଧାର୍ଯ୍ୟ କରିଥିଲେ ମଧ୍ୟ ୪୫୦ କୁକୁଡ଼ା ଏଥିରେ ଅଂଶଗ୍ରହଣ କରିଥିଲେ । ଏକ ବର୍ଣ୍ଣାଢ଼୍ୟ ପ୍ରତିଯୋଗିତାର ଆୟୋଜିତ ହୋଇଥିଲା, ସେଠାରେ ରେହ କାର୍ପେଟରେ କୁକୁଡ଼ାଗୁଡ଼ିକ ଭଳିକିଭଳି ଆପର୍ଷଣୀୟ ପୋଷାକ ପିନ୍ଧି ୱାକ୍ କରିଥିଲେ । ସୁନ୍ଦରୀ ମୁକୁଟ ପିନ୍ଧିଥିବା କୁକୁଡ଼ାର ମାଲିକ ନଗଦ ୫ହଜାର ଟଙ୍କା ସହ ବିଭିନ୍ନ ଖାଦ୍ୟସାମଗ୍ରୀର ବିଜେତା ହୋଇଥିଲେ ।

ଅଧିକ ଉତ୍ତାପ ସହଣି ଯୌଗିକ ପଦାର୍ଥ ଚିହ୍ନଟ

'ଇଂପେରିଆଲ କଲେଜ ଅଫ୍ ଲଣ୍ଡନ'ର ଗବେଷକମାନେ ଉତ୍ତାପ ସହଣି କ୍ଷମତା ବେଶ୍ ଅଧିକ ଥିବା ଦୁଇଟି ରାସାୟନିକ ଯୌଗିକ ଦପାର୍ଥ ଚିହ୍ନଟ କରିଛନ୍ତି । ସେହି ଦୁଇଟି ହେଉଛି- ଟାଣ୍ଟାଲମ କାରବାଇଡ୍ ଓ ହାଫନିଅମ କାରବାଇଡ୍ । ଦୁଇଟିଯାକ ଯୌଗିକ ପଦାର୍ଥ ଚାରି ହଜାର ଡିଗ୍ରି ସେଲସିଅସ୍ ଉଚ୍ଚ ତାପମାତ୍ରା ସହିବାକୁ ସକ୍ଷମ । ଭବିଷ୍ୟତରେ ଅତିଦ୍ରୁତ ବେଗରେ ଗତି କରୁଥିବା ମହାକାଶଯାନ ତିଆରିରେ ଏ ଦୁଇଟି ବ୍ୟବହୃତ ହେବ ।



ପସନ୍ଦ କରିପାରନ୍ତି ପ୍ଲାଜୋ ପ୍ୟାଣ୍ଟ

ଭାରତୀୟ ସିନେଜଗତରେ ୬୦ରୁ ୭୫ ଦଶକ ପର୍ଯ୍ୟନ୍ତ ଅଭିନେତ୍ରୀମାନେ ପାରାଲାଲ ପ୍ୟାଣ୍ଟ ପିନ୍ଧିବାର ଫେଶନ ଜୋର୍ ଧରିଥିଲା । ସେତେବେଳେ ବମ୍ବେ, ଦିଲ୍ଲୀ ପରି ବଧ ସହରର ଆଧୁନିକ ଯୁବତୀମାନେ ଏହି ପ୍ୟାଣ୍ଟ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିଲେ । ସମୟାନୁକ୍ରମେ ଜିନ୍ସ, ଚୁଡ଼ିଦାର, ପଟିଆଲା ପ୍ୟାଣ୍ଟର ଚମକ ହଜିଯାଇଥିଲା । କିଛି ବର୍ଷ ବ୍ୟବଧାନରେ ଫେଶନ ଡିଜାଇନରମାନେ ପୁଣି ଏକ ନୂଆ ରୂପରେ ଏହି ପାରାଲାଲ ପ୍ୟାଣ୍ଟକୁ ଯୁବତୀ ମହିଳାଙ୍କ ମଧ୍ୟରେ ଲୋକପ୍ରିୟ କରାଇଛନ୍ତି । ଏହା ଏବେ ପାଲାଜୋ ପ୍ୟାଣ୍ଟ ଭାବରେ ପରିଚିତ ।

କମ ବୟସଠାରୁ ଆରମ୍ଭ କରି ବୟସ୍କା ମହିଳା ପର୍ଯ୍ୟନ୍ତ ସମସ୍ତେ ଏହି ପାଲାଜୋ ପିନ୍ଧିବାକୁ ପସନ୍ଦ କରୁଛନ୍ତି । କର୍ମକ୍ଷେତ୍ର, ଘରେ, ଉତ୍ସବରେ କିମ୍ବା ଭ୍ରମଣ କରିବାକୁ ଗଲାବେଳେ ମଧ୍ୟ ଏବେ ଯୁବତୀ ମହିଳାମାନେ ଏହି ପ୍ୟାଣ୍ଟ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବାର ପ୍ରକାଶ । ପାଲାଜୋ ପ୍ୟାଣ୍ଟ ସହ ଯୁବତୀମାନେ ଲମ୍ବା କୁର୍ତ୍ତା, ଫର୍ମାଲ ସାର୍ଟ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଶୀତଦିନେ ଯୁବତୀମାନେ ଗାଢ଼ ରଙ୍ଗର ପାଲାଜୋ ପ୍ୟାଣ୍ଟ ଓ ଲମ୍ବାସାର୍ଟ ସହ ଜ୍ୟାକେଟ୍ ପିନ୍ଧୁଥିବାର ଦେଖାଯାଇଛି ।

କର୍ମଜୀବୀ ମହିଳାଙ୍କ ମୁଖ୍ୟ ଆବଶ୍ୟକତା

୬୦ ଦଶକର କଥାକୁ ଆଲୋଚନାକୁ ଆଣିଲେ ଜଣାପଡ଼ିଥାଏ ଯେ ସେ ସମୟରେ ହାତଗଣତି କେତୋଟି ପରିବାରର ଝିଅବୋହୂ କର୍ମଜୀବୀ ହେଉଥିବାର ଦେଖାଯାଉଥିଲା । ଜମିଦାର, ସମ୍ଭ୍ରାନ୍ତ ପରିବାରର ଲୋକେ ଏସବୁକୁ ଏତେ ସହଜଗରେ ଗ୍ରହଣ କରିପାରୁନଥିଲେ । ସମୟ କ୍ରମେ ଆଗକୁ ବଢ଼ିଲା । ଆଜିର ସମୟରେ ହାତଗଣତି କେତେଜଣ ଝିଅ, ବୋହୂ ଗୃହିଣୀ ହୋଇରହିଛନ୍ତି । ଆଗାମୀ କିଛି ବର୍ଷ ମଧ୍ୟରେ ଏ ଦୃଶ୍ୟରେ ଅନେକ ଉନ୍ନତି ପରିଲକ୍ଷିତ ହେବ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, କର୍ମଜୀବୀ ମହିଳାଙ୍କ ଉପରେ ଖୁବ୍ ଅଧିକ ଚାପ ପଡୁଛି । ଶାଶୂଘରେ ଦାୟିତ୍ୱ, ପିଲାଙ୍କ କାମ ସହ କାର୍ଯ୍ୟଳୟର ସମସ୍ତ କାମକୁ ସେମାନେ ସବୁର ଦାୟିତ୍ୱ ଭିତରେ ମହିଳାମାନେ ନିଜର ଯତ୍ନ ନେବାକୁ ଅବହେଳା କରୁଛନ୍ତି ଯାହା କାରଣରୁ ଖୁବ୍ କମ ବୟସରୁ ସେମାନେ ରୋଗଗ୍ରସ୍ତ ହେଉଛନ୍ତି । ପ୍ରତ୍ୟେକ ବର୍ଗ ଓ ବୟସର ମହିଳା ପ୍ରଥମେ ନିଜ ଖାଦ୍ୟପାନୀୟ ପ୍ରତି ସଚେତନ ଓ ସଜାଗ ହୁଅନ୍ତି । ଦିନର ପ୍ରଥମ ଭୋଜନ ଜଳଖିଆ କଲେ ହିଁ ପୂରା ଦିନ ସେମାନଙ୍କୁ ଶକ୍ତି ମିଳିଥାଏ । ଏଣୁ କାମର ଚାପ ଯେତେ ଅଧିକ ଥାଉ କିମ୍ବା ଖୁବ ବ୍ୟସ୍ତ ଥିଲେ ମଧ୍ୟ ସକାଳବେଳା ଜଳଖିଆ କରିବାକୁ ଯେପରି ନ ଭୁଲିବେ । ସକାଳ ଜଳଖିଆରେ ଉତ୍ତମ ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ । କେଯଣସି ଫାଷ୍ଟଫୁଡ୍, ଛଣାଛଣି ଇତ୍ୟାଦି ନ ଖାଇ ବରଂ ଫଳ କିମ୍ବା ଉପମା, ଚୁଡ଼ା ଇତ୍ୟାଦି ଖାଇବା ଭଲ । ଶଯ୍ୟା ତ୍ୟାଗର ୩୦ ମିନିଟ୍ ରୁ ୧ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେଲେ ତାହା ସ୍ୱାସ୍ଥ୍ୟ ଉପରେ ସେଭଳି କୌଣସି କୁପ୍ରଭାବ ପକାଇନଥାଏ । ଭଲଭାବେ ଜଳଖିଆ କରନ୍ତୁ, ବରଂ ଦିନର ଅନ୍ୟ ଭୋଜନ ହାଲକା କରିବା ବିଶେଷଜ୍ଞଙ୍କ ମତ । କର୍ମଜୀବୀ ମହିଳାମାନେ ପୂରା ଦିନ ଫୁର୍ତ୍ତି ରହିବାକୁ ଚାହୁଁଥିଲେ, ଜଳଖିଆ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୩ ଡିସେମ୍ବର ୨୦୨୦, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଡୋଜ ପିଛା କେତେ ଦାମ୍...

କରୋନା ମହାମାରୀର ଦ୍ୱିତୀୟ ଲହର ଶୀତଦିନେ ବ୍ୟାପକ ଆକାର ଧାରଣ କରିବା ଆଶଙ୍କା ମଧ୍ୟରେ ଏବେ ପ୍ରତିଷେଧକ ଟିକା ବକାଶ ଉପରେ ସମଗ୍ର ବିଶ୍ୱ ଧ୍ୟାନ କେନ୍ଦ୍ରିତ କରିଛି। ଯେହେତୁ ଭାରତ ହିଁ ବିଶ୍ୱର ସର୍ବବୃହତ ଟିକା ଉତ୍ପାଦନ ଓ ଯୋଗାଣକାରୀ ରାଷ୍ଟ୍ର, ସେହି ଦୃଷ୍ଟିରୁ ଭାରତ ଉପରେ ମଧ୍ୟ ଅଧିକାଂଶ ରାଷ୍ଟ୍ର ନିର୍ଭରଶୀଳ। କିନ୍ତୁ ଏଯାବତ୍ ପ୍ରତିଷେଧକ ଟିକା ଉତ୍ପାଦନରେ ଅହୋରାତ୍ର ସମୟ, ସାଧନ ଓ ଶ୍ରମ ବିନିଯୋଗ କରିଥିବା ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନମାନେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇନାହାଁନ୍ତି। ତେବେ ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ ଥିବା ବିବିଧ କମ୍ପାନୀମାନଙ୍କର ଟିକାର ଭିନ୍ନ ଭିନ୍ନ ମାତ୍ରାର ପ୍ରୟୋଗାତ୍ମକ ସଫଳତା ଏବେ ଶୁଣିବାକୁ ମିଳୁଛି। ଅକ୍ସଫୋର୍ଡ୍ ୟୁନିଭରସିଟି ଏବଂ ଆଷ୍ଟ୍ରା-ଜେନେକା ପକ୍ଷରୁ ବିକାଶ ଘଟା ଯାଇଥିବା ଟିକାରୁ ୭୦% ସଫଳତା ମିଳିଥିବା କୁହାଯାଉଛି। ଏହା ଦୁଇ ଡୋଜ୍ ବିଶିଷ୍ଟ। ଯଦି ସିଙ୍ଗଲ ଡୋଜରେ ଏହାର ପ୍ରୟୋଗ କରାଯାଏ, ତେବେ ସେଥିରୁ ୯୦% ସଫଳତା ମିଳିବ ବୋଲି ମାନବୀୟ ପରୀକ୍ଷଣରୁ ଜଣାପଡ଼ିଛି। ସେହିଭଳି ଫାଇଜର ଏବଂ ମଡେର୍ଣ୍ଣା କମ୍ପାନୀମାନେ ଦାବି କରନ୍ତି। ପ୍ରତିଷେଧକ ଟିକା ବିକାଶ ଲାଗି ଯେତେ ସମୟ ଲାଗୁ ପଛେ, ବିକଶିତ ହେବାମାତ୍ରେ ସେସବୁ ଭାରତରେ ହିଁ ବିପୁଳ ମାତ୍ରାରେ ଉତ୍ପାଦିତ ହେବ। କାରଣ ବହୁଳ ଉତ୍ପାଦନ ପାଇଁ ଅନ୍ୟ କୌଣସି ରାଷ୍ଟ୍ରରେ ସେପରି ସାଧନ ନାହିଁ। ଏବଂ ଯେହେତୁ ଟିକା ଉତ୍ପାଦନ ଏବେ ଆଗୁଆ ପର୍ଯ୍ୟାୟରେ ପହଂଚିଛି, ଏ ସଂପର୍କିତ ସମସ୍ତ ବିଷୟରେ ଆଲୋଚନା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୮ ତାରିଖ ଦିନ ପୁନେସ୍ଥିତ ସେରମ୍ ଇନଷ୍ଟିଚ୍ୟୁଟ ଗସ୍ତକରି ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଏହା ଉପରେ କେବଳ ତୀକ୍ଷ୍ଣ ନଜର ରଖିନାହାଁନ୍ତି, ଅପରନ୍ତୁ ସଦାବେଳେ ଦେଶବାସୀଙ୍କ ସହ ଭାବ ବିନିମୟ କରି ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଆସିଛନ୍ତି। ପୁଣି ପ୍ରତିଷେଧକ ଟିକା ଉଦ୍ଭାବନ ହେବା ମାତ୍ରେ ଏହାର ଆହରଣ, ଭଣ୍ଡାରକରଣ ଓ ବିତରଣ ମାଧ୍ୟମରେ କିଭଳି ଭାବେ ଦେଶବାସୀଙ୍କ ନିକଟରେ ତାହା ପହଂଚାଯିବ, ତାହାର କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ତେଣୁ ଏହିସବୁ କାର୍ଯ୍ୟ ଦୃଷ୍ଟିରୁ ତାଙ୍କର ପୁନେ ଗସ୍ତ ବିଶେଷ ମହତ୍ତ୍ୱ ବହନ କରିଛି। ଟୀକା ବିକାଶ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ତେଣୁ ସମସ୍ତଙ୍କ ଧାଉଡ଼ି ଏବେ ପୁନା ଆଡ଼କୁ। ଜନସଂଖ୍ୟା ଦୃଷ୍ଟିରୁ ଭାରତ ଭଳି ଏକ ବିଶାଳ ରାଷ୍ଟ୍ରପାଇଁ ପ୍ରତିଷେଧକ ଟିକା ମାତ୍ର ଦୃଷ୍ଟିରୁ ଯେତିକି ଜରୁରୀ, ମୂଲ୍ୟ ଦୃଷ୍ଟିରୁ ମଧ୍ୟ ସେତିକି ଅର୍ଥ ଆବଶ୍ୟକ। ଏଯାବତ୍ ଦୁଇଟି କଥା ସ୍ପଷ୍ଟ ଜଣାପଡ଼ିନାହିଁ। ତାହା ହେଲା-ପ୍ରତିଷେଧକ ଟିକା କେବେ ବାହାର ବଜାରରେ ଉପଲବ୍ଧ ହେବ ଏବଂ ତାର ଡୋଜ ପିଛା ମୂଲ୍ୟ କେତେ ରହିବ। କିଛିଦିନ ପୂର୍ବେ ସେରମ ଇନଷ୍ଟିଚ୍ୟୁଟର ସିଇସ ଅଦର ପୁନାୱାଲା ସୂଚନା ଦେଇଥିଲେ ଯେ, ଭାରତର ପ୍ରତ୍ୟେକ ନାଗରିକଙ୍କୁ କରୋନା ପ୍ରତିଷେଧକ ଟିକା ଦେବାକୁ ହେଲେ ଅନ୍ୟୁନ ୮୦,୦୦୦କୋଟି ଟଙ୍କା ଆବଶ୍ୟକ। ଏହା ଜନସାଧାରଣ ହୁଅନ୍ତୁ ଅବା ସରକାର, ଉଭୟଙ୍କ ଉପରେ ଏକ ବିରାଟ ବୋଝ ଅବଶ୍ୟ। ତେବେ କେବଳ ଭାରତ ନୁହେଁ, ପ୍ରତ୍ୟେକ ରାଷ୍ଟ୍ର ବର୍ତମାନ କରୋନା କବଳରୁ ମୁକ୍ତି ପାଇବାଲାଗି ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ମଧ୍ୟ ସେହି ମର୍ମରେ ତାଙ୍କର ଯୋଜନା ପ୍ରସ୍ତୁତ ରଖିବା ଆବଶ୍ୟକ। ଏହା ସତ୍ତ୍ୱେ ପ୍ରତିଷେଧକ ଟୀକା ଚଳିତବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବାପରି ମନେ ହୁଏନାହିଁ। ଆସନ୍ତାବର୍ଷ ପ୍ରାରମ୍ଭରେ ତାହା ମିଳିବାର ଯାହା ଆଶା କରାଯାଉଛି ତାହା ଉପରେ ସର୍ବୈଏ ବିଶ୍ୱାସୀ। ସେ ପର୍ଯ୍ୟନ୍ତ ଶୀତଦିନେ କରୋନାର ଦ୍ୱିତୀୟ ଲହର ଅଧିକ ଲୋକଙ୍କୁ ଆକ୍ରାନ୍ତ କରିପାରେ ଅବା ଜୀବନ ନାଶ ଘଟାଇପାରେ। ଏହାକୁ ଏଡ଼ାଇବା ସକାଶେ କେବଳ ସତର୍କତା ହିଁ ଏକମାତ୍ର ସାଧନ। ପ୍ରଧାନମନତ୍ରୀ ଶ୍ରୀ ମୋଦି ଦେଶବାସୀଙ୍କୁ ତାହା ବାରମ୍ବାର ଦୋହାରାଉଛନ୍ତି। ମାସ୍କପିନ୍ଧା, ହାତଧୁଆ, ସାମାଜିକ ଦୂରତା ରକ୍ଷା ଓ ଯଥାସମ୍ଭବ ଘରେ ଆବଦ୍ଧ ହୋଇ ରହିବା ହିଁ ନିରାପତ୍ତାର ସର୍ବଶ୍ରେଷ୍ଠ ଉପାୟ। ବିଜ୍ଞାନ ମଧ୍ୟ କରୋନା ସହ ସଂଘର୍ଷ ପାଇଁ ସମୟ ଲୋଡୁଛି। ଏବେ ଆମେ ନିର୍ଣ୍ଣାୟକ ଯୁଦ୍ଧରେ ଉପନୀତ। ସେହି ଯୁଦ୍ଧରେ ବିଜୟଲାଭ ସକାଶେ ଯେଉଁ ଧୈର୍ଯ୍ୟ, ସାହସ ଓ ସତର୍କତା ଲୋଡ଼ା ତାହା ଆମକୁ ପ୍ରଦର୍ଶନ କରିବାକୁ ହେବ। ନହେଲେ ଆମେ ମହାମାରୀ ଭୋଗିଲା ଭଳି ଗୋଟିଏ ଅବସ୍ଥାରେ ଉପନୀତ ହୋଇଯିବା, ଏଥିରେ ସନ୍ଦେହ ନାହିଁ।

କଳା କହ୍ନେଇ..

ସୌମେନ୍ଦ୍ର ମହାନ୍ତି

ଦହି ହାଣ୍ଡି ନେଇ ମୁଣ୍ଡରେ ମୁଣ୍ଡେଇ
ରାଧା ଯାଉଥିଲା ବାଟରେ
ନନ୍ଦ ଦୁଃଖୀଧନ ଯଶୋଦା ନନ୍ଦନ
ଦେଖିଲା ଯମୁନା ଘାଟରେ।
ଝଅଟି ଅଇଲା ଆସି ପହଂଚିଲା
ରାଧିକା ମାଇଁର ପାଖରେ
ବାଟ ଓଗାଳିକି ହାତକୁ ଖୋଲିକି
କହିଲା ଛାଡ଼ିବି ନାହିଁରେ।
ଯେତେ କି ବୋଇଲା କାକୁତି ହୋଇଲା
ଶୁଣିଲାନି ଜମା ସେ କାହ୍ନା
ଦହି ନ ପିଇଲେ ଛାଡ଼ିବନି ବାଟ
ଧମକ ଦେଇ କଲା ମନା।
ବିଚରା ରାଧିକା ମନରେ ଆଶଙ୍କା
ଯଦି ଦହି ପିଏ କହ୍ନେଇ
ଫେରିବି କେମିତି ଘରକୁ ଏମିତି
ଖାଲି ହାଣ୍ଡି ନେଇ କାଖେଇ।
ଶାଶୁ ନଣନ୍ଦଙ୍କ ଶୁଣିବି ଗଂଜଣା
ଖାଲି ହାତେ ଗଲେ ଘରକୁ
ଦହି ନ ବିକି ତୁ ଅଇଲୁ କିଆଁଲୋ
କହିବେ ଚାହିଁ ମୋ ମୁଖକୁ।
ଭାଳି ସବୁ କଥା ବାଟ କାଟି ରାଧା
ଚାଲିଲା ଆଗକୁ ଆଗକୁ
ନାଟୁଆ ନାଗର ନକରି ଖାତର
ଧାଇଁଲା ରାଧାର ପଛକୁ।
ନ ଦେବାରୁ ଦହି ସେ କଳା କହ୍ନେଇ
କଣା କଲା ରାଧା ହାଣ୍ଡି ଲୋ
କାନ୍ଦି କାନ୍ଦି ରାଧା ଫେରିଲା ଘରକୁ
ହସୁଥାଏ ନନ୍ଦଲାଲା ଲୋ।

+ ରାଣୀଓଳା, କର୍ସଦା, କଟକ
ମୋ: ୯୫୮୩୨୦୫୮୦୪

ଅକ୍ଷୟ ପଣ୍ଡା

ପାଗଳାର ପରିଭାଷା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରେମ ପାଗଳ ମାନଙ୍କୁ ବୁଝେଇଲେ ବି ବୁଝନ୍ତି ନାହିଁ। ଧନ ଦୌଲତ ର ମୋହ ମଣିଷ କୁ ପାଗଳ କରିଦିଏ। ଧନ ନପାଇଲେ ଡାକ୍ତର ରୋଗୀକୁ ଅପରେସନ କରେନା। ଧନ ଲୋଭରେ ରୋଗୀ ମାନଙ୍କର କିଡିନି ଚୋରି ହବା କଥା ନୂଆ ନୁହେଁ। ଧନ ପାଇଁ ସ୍ୱାଧିନତା ସଂଗ୍ରାମୀ ରାଜଗୁରୁ, ଲକ୍ଷ୍ମଣ ନାୟକ ଓ ଦଳବେହେରା ର ଗୁପ୍ତ ତଥ୍ୟ ଇଂରେଜ ମାନଙ୍କୁ ଯୋଗାଇ ଦିଆଯାଇଥିଲା। ଏବେବି ଧନ ପାଇଁ ମଣିଷ ତା ମଣିଷ ପଣିଆ କୁ ବିକି ଦେଉଛି। କ୍ଷମତା ମଣିଷ କୁ ପାଗଳ କରିଦିଏ। କ୍ଷମତା ପାଇବା ପାଇଁ ମୋଗଲ ସମ୍ରାଟ ଆଉରଙ୍ଗ ଜେବ ଦାରା ମୁରା ସୁଜାକୁ ହତ୍ୟା କରିଥିଲେ। ପିତାଙ୍କୁ ବନ୍ଦୀ କରି ମୋଗଲ ସମ୍ରାଟ ହୋଇଥିଲେ। ସମ୍ରାଟ ଅଶୋକ କ୍ଷମତା ପାଇବା ଆଶାରେ ତାଙ୍କ ଆତ୍ମୀୟ ସ୍ୱଜନ କୁ ହତ୍ୟା କରିବାରେ ପଛାଇ ନଥିଲେ। ପାକିସ୍ଥାନ ର ଗଣତନ୍ତ୍ର ସରକାର ଙ୍କୁ ବନ୍ଦୀ ବନାଇ ସାମରିକ ଶାସନ କରିବାଟା କେଉଁ ନୂଆ କଥା ନୁହେଁ। କ୍ଷମତା ପାଗଳ ବ୍ୟକ୍ତି କ୍ଷମତା ପାଇବା ପାଇଁ ଅଧର୍ମର ସିଢୀ ଚଢି କେତେ ପାପ କରେ କହିଲେ ନ ସରେ। ଜ୍ଞାନ ପାଗଳ ଏ ଦୁନିଆରେ ବି କମି ନାହିଁ। ସେମାନେ ନୂତନ ଜ୍ଞାନର ଅନୁସନ୍ଧାନ ରେ ସବୁକିଛି ଭୁଲି ଯାଆନ୍ତି। ତାଙ୍କ ପାଖରେ ସାଂସାରିକ ପାର୍ଥିବ ସୁଖ ଅପେକ୍ଷା ଜ୍ଞାନହିଁ ବଡ। ଗୌତମ ବୁଦ୍ଧ ରାଜକୀୟ ଭୋଗ ବିଳାସ ମାୟା ମୋହ ତ୍ୟାଗ କରି ନୂତନ ଜ୍ଞାନ ପାଇଁ ସନ୍ୟାସୀ ହୋଇଯାଇଥିଲେ। ଆର୍କମେଡିସ ବ୍ୟାଥ ଟପରେ ସ୍ନାନ କରୁଥିବା ସମୟରେ ହଠାତ ଉଠିଗଲେ। ଇଉରେକା ଇଉରେକା କହି ଦୌଡିବାକୁ ଲାଗିଲେ। ସେ ଭୁଲିଯାଇଥିଲେ କପଡା ପିନ୍ଧିଥିଲେ କି ନାହିଁ। ସାର ରୋନାଲଡ ରସ, ମ୍ୟାଡାମ କ୍ୟୁରି, ସାର ଆଇଜାକ ନ୍ୟୁଉଟନ, ଥମାସ ଆଲଭା ଏଡିସନ୍ ଦାର୍ଶନିକ ସର୍କେଟିସ ଆଦି ମହାନ ଜ୍ଞାନ ପିପାସୁ ଥିଲେ। ଏମାନେ ବି ଜ୍ଞାନ ପାଇବା ପାଇଁ ପାଗଳ ହୋଇଥିଲେ। ଏ ସମାଜରେ ଅନେକ ନିଶାପାଗଳ ଅଛନ୍ତି। ଏହାର ଅର୍ଥ ହେଲା ନିଶା ନପାଇଲେ ପାଗଳ ପରି ହୁଅନ୍ତି। ଆଉ ପାଇଲେ ପାଗଳାମି କରନ୍ତି। ତେଣୁ ନିଶା କହେ ତୁ ମୋତେ ଖା ମୁଁ ତତେ ଖାଇବି। ଏ ପାଗଳାମିରେ ପଡି ଲୋକେ ଜମି ବାଡି, ଘର ଦ୍ୱାର, ସୁନା ରୂପା ହରାଇ ବସନ୍ତି। ପଇସା ପାଇଁ ସେମାନେ ଅପରାଧୀ ସାଜନ୍ତି। ସେମାନଙ୍କୁ ନିଶା ପାଗଳ କୁହାଯାଏ। ନିଶା ବିକିଲା ବାଲା କୋଟିପତି ବନେ। ଆଉ ନିଶା ଖାଇଲାବାଲା ସର୍ବହରା ହୁଏ। ପାଗଳାମି ଗୋଟିଏ ମୁଦ୍ରାପ ଦୁଇଟି ପାର୍ଶ୍ୱ। ଗୋଟିଏ ନାକାରାତ୍ମକ ଥିଲା ବେଳେ ଆଉ ଗୋଟିଏ ସାକାରାତ୍ମକ ଥାଏ। ଜ୍ଞାନ ପାଗଳମାନେ ସମାଜକୁ ଗଢୁଥିଲା ବେଳେ କ୍ଷମତା ପାଗଳ ମାନେ ସମାଜକୁ ଧ୍ୱଂସ କରନ୍ତି। ନିଶା ପାଗଳ ଓ ଧନ ପାଗଳ ମାନେ ଚୋରି ଡକାୟତି, ଲୁଣ୍ଠନ ଓ ଠକାମିରେ ଲିପ୍ତ ରହନ୍ତି। ସମାଜରେ ବିଭିନ୍ନ ପ୍ରକାର ପାଗଳ ଥିଲେ ମଧ୍ୟ ଆମେ ରାସ୍ତାରେ ଭୋକ ଉପାସରେ ବୁଲୁଥିବା ପାଗଳକୁ ପଥର ମାରୁ। କେହି କେହି ଗରମ ପାଣି ଫିଙ୍ଗନ୍ତି। ଆପଣ ସେହି ପାଗଳମାନଙ୍କ ବିଷୟ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ସେହିମାନଙ୍କ ଭିତରୁ ୫୫ ପ୍ରତିଶତ ଦୁଃଖ ଯନ୍ତ୍ରଣା ମନସ୍ତାପରୁ ପାଗଳ ହୋଇଛନ୍ତି। ସେମାନେ ଜନ୍ମରୁ ମାନସିକ ରୋଗୀ ନଥିଲେ। କିଏ ସେମାନଙ୍କ ଭିତରୁ ପୁଅ ଝିଅ ବା ସ୍ତ୍ରୀ କୁ ହରାଇଛନ୍ତି। କାହାର ସର୍ବସ୍ୱ ଜଳିପୋଡି ପାଉଁଷ ହୋଇଯାଇଛି। କିଏ ଜୀବନରେ ସଫଳ ନହୋଇ ମାନସିକ ରୋଗୀଟିଏ ପାଲଟି ଯାଇଛି। କିଛି ନା କିଛି ଦୁଃଖ ଛପି ରହିଛି ସେହି ମଣିଷ ମାନଙ୍କ ଭିତରେ। ସେମାନଙ୍କୁ ଆହୁରି କଷ୍ଟ ନ ଦେଇ ମାନସିକ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ। ଭାରତରେ ଅନେକ ଗୁଡିକ ମେଣ୍ଟାଲ ହସପିଟାଲ ଅଛି। ଆବଶ୍ୟକ ସ୍ଥଳେ ସରକାରୀ ସହଯୋଗରେ ସେମାନଙ୍କୁ ଠିକ୍ ସ୍ଥାନ କୁ ପଠାଇ ଦିଅନ୍ତୁ। ଯେଉଁଠାରେ ପାଇବେ ସେମାନେ ଉତ୍ତମ ବ୍ୟବହାର ଓ ଆବଶ୍ୟକୀୟ ଚିକିତ୍ସା। ଶୀତ, ବର୍ଷା, ଖରା ରୁ ରକ୍ଷା ପାଇବା ପାଇଁ ସରକାର ମଧ୍ୟ ସେମାନଙ୍କ ପାଇଁ ଆଶ୍ରୟ ସ୍ଥଳି ଗଢିବା ଉଚିତ୍। କରୋନା ପରେ ପରେ ଘୋର ଆର୍ଥିକ ଅନାଟନ ବେକାରୀ ସମସ୍ୟା ବୃଦ୍ଧି ପାଇବ। ତା ସହିତ ବୃଦ୍ଧି ହେବ ଆତ୍ମ ହତ୍ୟା ଓ ମାନସିକ ବିକୃତି। ତେଣୁ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ଆର୍ଥିକ ଅଭିବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଓଡିଶାର ପୋଲିସ ଅନୈତିକ ନିଶା କାରବାର କୁ ରୋକିବାରେ ସଫଳ ହୋଇଛନ୍ତି। ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର। ନିଶା ପାଗଳ ଓ ଧନ ପାଗଳ ମାନଙ୍କୁ ଠାବ କରି ସେମାନଙ୍କର କାର୍ଯ୍ୟକଳାପ, ରୋଜଗାର ର ମାଧ୍ୟମ ଓ ସଞ୍ଚିତ ଧନ କୁ ଠିକ୍ ଯାଞ୍ଚ କରାଯାଉ। ଏହା ଦ୍ୱାରା ଦୁର୍ନୀତି ଉପରେ କଟକଣା ଲାଗି ପାରିବ। ପ୍ରେମ ପାଗଳ ଓ ଧର୍ମ ପରାୟଣ ସରଳ ଲୋକମାନଙ୍କୁ ସଠିକ୍ କାଉନସିଲିଙ୍ଗ ଦରକାର। ପ୍ରତ୍ୟେକ ଜନସାଧାରଣ ଚିନ୍ତା କରିବା କଥା ପାଗଳ ମାନେ ଆମ୍ଭମାନଙ୍କ ପରି ମଣିଷ। ଆମ୍ଭମାନଙ୍କ ଠାରୁ ସେମାନେ ମଣିଷ ଭଳି ବ୍ୟବହାର ଚାହାଁନ୍ତି। ଯଦି ଆମେ ସେମାନଙ୍କୁ ଘୃଣା ନ କରି ଦେଖା ରଖା କରିବା ତେବେ କେତେ ନିରିହ ଜୀବନ ବଞ୍ଚିଯିବ। ଯଦି ନକରି ପାରିବା ତେବେ ଯେଉଁଠାରେ ସେମାନେ ଭଲରେ ରହିପାରିବେ ପଠାଇଦେବା ଭଲ। ମନୁଷ୍ୟ ମନରେ ମାନବିକତା ରହିଲେ ଦେଶ ତଥା ମାନବ ସମାଜାର ଅଶେଷ ଉନ୍ନତି ହେବ। **(ସମାପ୍ତ)**

ଲୋକାପଡା, ଆଳି
୯୩୩୭୪୯୨୩୦୭

ଇଂ. ବିଦ୍ୟାଧର ପଣ୍ଡା

ସ୍ତନ୍ୟପାନ ମାତୃଧର୍ମ

ସୁବଳ ନାତ ଟୋକାର କରୁଣ କାନ୍ଦକୁ ସହି ନପାରି ଶେଷରେ ବୋହୂକୁ ନେହୁରା ହୋଇ କହିଲା, "ଟିକେ ତୋ'ଠାରୁ ଖୋଇ ଦେଉନୁ? ନିଜର ଜନ୍ମକଲା ଛୁଆ ତ, କ'ଣ ଆଉ କାହାଠାରୁ ମାଗି ଆଣିଛୁ! କେତେବେଳୁ କଅଁଳା ପିଲାଟା ରାହାଧରି କାନ୍ଦୁଛି, ତୋତେ ଟିକେ ବିକଳ ଲାଗୁନି! ସେଇ ଖନିଝିଅ ଆସିଲେ ଯାଇ ତୋ'ଛୁଆକୁ କ୍ଷୀର ଦେବ, ନ'ହେଲେ ଛୁଆଟା ଏଇମିତି ରାହାଧରି ସେତେବେଳଯାଏ କାନ୍ଦୁଥିବ? ବୋହୂ ନିଜ ଶୋଇବାଘର ଗଛଦର୍ପଣ ସାମ୍ନାରେ ଓଠରେ ନାଲିରଙ୍ଗ ବୋଳି ଦୁଇଓଠକୁ ଉପରତଳ କରି ରଙ୍ଗକୁ ମିଶଉ ମିଶଉ ବଡବଡ ନାଲି ଆଖିକରି ଶଶୁରବୁଢାକୁ କହିଲା, "ତୁମ କାମ ତୁମେ ଦେଖ। ମୋ'ଛୁଆ କଥା ମୁଁ ବୁଝୁଛି। ତୁମେ ତ ପଖାଳକଂସାଏ ତେଣ୍ଡିଳଣି, ଯାଇକି ବାରଣ୍ଡାରେ ଶୋଇବ। ଅନ୍ୟ କଥାରେ କାହିଁକି ଅଯଥା ମଥା ପୂରେଇ ମୋ'ମୁଣ୍ଡ ଖାଉଛ? ମୁଁ ମନା କରୁଛି ଗାଁକୁ ଯିବାନି, ଯା'ଙ୍କର ଗୋଟାଏ ଜିଦ୍ ବାପାବୋଉ ନାତିକୁ ଦେଖିଲେ ଖୁସି ହେବେ! ଆମପୁଅ ଦେଶୀଗାଈ କ୍ଷୀର ଖାଇବ। ହୁଅନ୍ତୁ ସେମାନେ ଖୁସି, ଦେଶୀଗାଈ କ୍ଷୀର ପୁଅଖାଉ ହେଲେ ମୋ ଦୁଃଖ କଥା କିଏ ବୁଝୁଛି? ଦିନରାତି ପୂରାହାତ ବାଲା ବ୍ଲାଉଜ୍‌ଉପରେ ସୂତାଶାଢୀ ପିନ୍ଧିପିନ୍ଧି ମୋ'କାଖ ଛିଣ୍ଡି ଗଲାଣି। ଦେହଯାକ ଘମିର ବାହାରି ଜାଗାଅଜାଗା ସବୁ ନାଲିପଡି ଫଳିଗଲାଣି। ଇଏ ତ ଆମର ଅଂଟାରେ ଲୁଙ୍ଗିଗୁଡେଇ ଖୋର୍ଦ୍ଦାଗାମୁଛାଟିଏ କାନ୍ଧରେପକେଇ ଛାତିବାଳ ଦେଖେଇ ଦାଣ୍ଡମଝିରେ ଚାଲିଯାଉଛନ୍ତି ନଦୀବନ୍ଧ ତଳ ବରଗଛ ଚାନ୍ଦିନି ଉପରକୁ। ମୁର୍ଖ ସାଙ୍ଗମାନଙ୍କ ସହ ତାସ୍‌ପାଲି ପଡୁଛି, ନଦୀକୂଳିଆ ସୁଲୁସୁଲିଆ ପବନରେ ବାବୁଙ୍କୁ କୁଆଡେ ନିଦ ହୋଇଯାଉଛି। ଗାଁରେ ଫୁଙ୍ଗୁଳା ବୁଲିଲାରୁ ବହୁତ ମଜା ଲାଗୁଛି। ପୁଅ ପାଇଁ ଖୋଲା ନିୟମ, ବୋହୂ ପାଇଁ ଓଲଟା ନିୟମ। ବୋହୂର ଦେହ ଦେଖାଗଲେ କହିବେ ଅଣ୍ଡିରିଚଣ୍ଡି ଖରଖରି ଝିଅଟା। ବାପାମାଆ କିଛି ଶିଖେଇନାହାନ୍ତି। ବାଗବାଇସ ଭଲ ନୁହେଁ, ବାପଘର ବୋଧେ ସଂସ୍କାର ବୋଲି ଜିନିଷ କିଛି ଜାଣନ୍ତି ନାହିଁ। ଏଠି ଯେଉଁ କଷ୍ଟରେ ମୁଁ ରହୁଛି ମୁଁ ଜାଣେ। ତା'ପରେ ଆମର ଗୁଣବନ୍ତ ଶଶୁରବୁଢା କହୁଛନ୍ତି ଛୁଆ କାନ୍ଦୁଛି, ତା'କୁ କ୍ଷୀର ପିଆ। ମୁଁ କାହିଁକି କ୍ଷୀର ପିଆଉନି ସେଇଟା କ'ଣ ସମସ୍ତଙ୍କୁ ପରିବାରରେ ବୁଲିବୁଲି ଡେଙ୍ଗୁରା ବଜେଇ ଶୁଣେଇବି? ଯୋଗ୍ୟପୁଅ ତ ସବୁ ଜାଣନ୍ତି, ସିଏ ତା'ଙ୍କ ବାପାମାଆଙ୍କୁ ପ୍ରାଞ୍ଜଳଭାବରେ ବୁଝେଇ ଦେଉନାହାନ୍ତି ଯେ ମୁଁ ସାଧାରଣ ବୋହୂ ନୁହେଁ, ମୁଁ ଜଣେ ମଡେଲ୍ ବୋହୂ। ଛୁଆକୁ କ୍ଷୀର ପେଇଲେ କ୍ୟାଲେଣ୍ଡରରେ ଫଟୋ ବାହାର କରିବାକୁ କିଏ ଡାକିବ!

ବୋହୂ ରିଙ୍କି କଥା ଶାଶୂ ଶାନ୍ତି ସବୁଜାଣନ୍ତି। ସେଥିପାଇଁ ସିଏ କେବେ ରିଙ୍କିକୁ ଛୁଆ ଧର, କି କ୍ଷୀର ପିଆଇବା ବିଷୟରେ କିଛି କୁହନ୍ତିନି। ରିଙ୍କି ପ୍ରକୃତରେ ଗୋଟିଏ ମଡେଲ୍। ଯାହିତାହି ମଡେଲ୍ ନୁହେଁ, ନାମିଦାମୀ ମଡେଲ୍। ଏକ ଘରୋଇକମ୍ପାନୀ ସାଙ୍ଗରେ ପାଂଚବର୍ଷର କଂଟ୍ରାକ୍ଟ ଦସ୍ତଖତ କରିଛି। ବାର୍ଷିକ ପାରିଶ୍ରମିକ ଦଶଲକ୍ଷ ଟଙ୍କା। ବିବାହ କଲାବେଳେ ସେ ଘରୋଇ କମ୍ପାନୀର ମାଲିକ ରିଙ୍କିକୁ ସଫାସଫା ନିଜ ଚେୟରକୁ ଡାକି କହିଛନ୍ତି, 'ବାହା ହେଉଛ ହୁଅ, ମନା ନାହିଁ। କିନ୍ତୁ ମାଆ ହେବନି ଏବଂ ସ୍ୱାମୀଙ୍କ ଅତ୍ୟାଚାରରୁ ତୁମେ ତୁମର ବକ୍ଷୋଜଦ୍ୱୟର ଆକୃତିକୁ ଏବେ ଯେମିତି ସେମିତି ଏକାପରି ଭଲରେ ସମ୍ଭାଳିକି ରଖିବ। ଚାରିବର୍ଷପରେ ତୁମସାଙ୍ଗରେ ଆମ କମ୍ପାନୀ କଂଟ୍ରାକ୍ଟ ଶେଷ, ତା'ପରେ ତୁମର ଯାହା ଇଚ୍ଛା ତା କର ଆମର କିଛି କହିବାର ନାହିଁ।' ସେଦିନରୁ ରିଙ୍କି ସୁଶାନ୍ତ ସାଙ୍ଗରେ ମିଶିଲାବେଳେ ଛାତିରେ ତୁଳାର ନରମ ତକିଆଟିଏ ରଖେ। ବହୁତ ଥର ସୁଶାନ୍ତ ଝଗଡା କରିଛି, ହେଲେ ରିଙ୍କି ତା'କୁ ଅନ୍ୟ ଉପାୟରେ ବୁଝେଇବାଝେଇ ଶାନ୍ତ କରିଦିଏ। ସବୁଥର ସତର୍କତାର ସହ ମିଶନ୍ତି, ହେଲେ ଥରେ କେମିତି କ'ଣ ଦୁର୍ଘଟଣା ଘଟିଲା କିଛି ଜାଣି ହେଲାନି। ରିଙ୍କିର ଗର୍ଭ ରହିଗଲା। ପ୍ରଥମଗର୍ଭକୁ ନଷ୍ଟ କରିବାକୁ ଦୁହେଁ ଚାହିଁଲେନି। ସେହି ଘରୋଇ କମ୍ପାନୀ ମାଲିକଙ୍କ ପାଖକୁ ଯାଇ ନୂତନ ସର୍ତ୍ତାବଳିରେ ଦସ୍ତଖତ କଲେ। ଏହା ହେଲା ଯେ ପିଲା ଜନ୍ମହେବାର ପନ୍ଦର କୋଡିଏଦିନ ପୂର୍ବରୁ ଏମିତି ଜାଗାରେ ଅସ୍ତ୍ରୋପ୍ରଚାର କରି ପିଲାକୁ ବାହାର କରାଯିବ ଯେ ଶାଢୀ ପିନ୍ଧିଲେ ବି ସେ କଟାଦାଗ ବାହାରକୁ ଦେଖାଯିବନି। ରିଙ୍କି ତା'ର ପିଲାକୁ ନିଜକ୍ଷୀର ଖୋଇ ପାରିବନି। ଏସବୁ ମାନିବାକୁ ରାଜିହେଲା ପରେ ବି ବାର୍ଷିକ କଂଟ୍ରାକ୍ଟ

ଅକ୍ଷମ ଏବଂ ଭିନ୍ନକ୍ଷମର ପରିଭାଷା: ଦିବ୍ୟାଙ୍ଗ

ବିପିନ ବିହାରୀ ମହାନ୍ତି

ସାଧାରଣ ବ୍ୟକ୍ତିଟିଏ ତା' ଦୈନନ୍ଦିନ ଚଳଣିରେ ସମସ୍ତ ନିଜର ବ୍ୟବହାରିକ କାର୍ଯ୍ୟପାଇଁ ସମର୍ଥ ବା କ୍ଷମଥାଏ କାରଣ ତା'ର ସମସ୍ତ ଅଙ୍ଗ ତଥା ଇନ୍ଦ୍ରିୟମାନେ ଠିକ୍ କାମ କରୁଥାନ୍ତି। ତା'ର ଅନ୍ୟ ଉପରେ ଆଙ୍ଗିକ ଏବଂ ଇନ୍ଦ୍ରିୟ ଜନିତ ଯଥା ସ୍ପର୍ଶ, ସ୍ୱାଦ, ଘ୍ରାଣ, ଦର୍ଶନ ଏବଂ ଶ୍ରବଣ ଇତ୍ୟାଦି ପାଇଁ ନିର୍ଭରଶୀଳତା ପ୍ରାୟତଃ ନଥାଏ। ଏଣୁ ସେ ତା' ମଧ୍ୟରେ ଥିବା ସମସ୍ତ ମାନବ ସମ୍ବଳକୁ ଯଥା ଯଥ ସେ ବିନିଯୋଗ କରିଥାଏ।

ଅକ୍ଷମ ବ୍ୟକ୍ତି ତାକୁଇ କୁହନ୍ତି ଯାହାର କାର୍ଯ୍ୟ କରିବାର କ୍ଷମତା ନଥାଏ। ଯେମିତି ଜଣେ ଜନ୍ମାନ୍ଧ। ସେ ତା'ର ଦର୍ଶନ ଜନିତ କାର୍ଯ୍ୟ କେମିତି ସମ୍ପାଦନ କରିବ ? ଅର୍ଥାତ୍ ସେ ଦର୍ଶନକୁ ଅକ୍ଷମ। ଏହା ଅର୍ଥ ନୁହେଁ ତା'ର ଅନ୍ୟାନ୍ୟ ଇନ୍ଦ୍ରିୟ ବା ଅଙ୍ଗ ପ୍ରତଙ୍ଗ କାମ କରୁନାହାଁନ୍ତି। ସେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସମର୍ଥ ଅଟେ। ନ ହେଲେ, କୋଇଟା ଅନ୍ୟ ଅର୍ଥରେ ଭିନ୍ନ କାର୍ଯ୍ୟ ପାଇଁ ସେ କ୍ଷମ। ଏଣୁ ଭିନ୍ନକ୍ଷମ। ସବୁଥିରେ ଅକ୍ଷମ ବ୍ୟକ୍ତି ଏମିତି ଜଣେ କେହି ନାହିଁ। କୌଣସି ଅଙ୍ଗର ଅକ୍ଷମତା ଦୁଇଟି କାରଣରୁ ହୋଇଥାଏ। ଗୋଟିଏ ଜନ୍ମଗତ ଏବଂ ଅନ୍ୟଟି ଜୀବଦଶା ମଧ୍ୟରେ କୋଉ କାରଣରୁ ଅର୍ଜିତ। ଜନ୍ମଗତ ଯାହା ସେଥିପାଇଁ ଉକ୍ତବ୍ୟକ୍ତି ଦୁଃଖ ପ୍ରକାଶ କରେ ନାହିଁ କାରଣ ସେ ଯାହାର 'ନାହିଁ'ରେ ଜନ୍ମ ହୋଇଛି, ସେ ତା'ର ବ୍ୟବହାର ଜାଣେ ନାହିଁ; ଯାହାର 'ଅଛି'ରେ ସେ ଅଛି, ସେଥିରେ ସେ ସନ୍ତୁଷ୍ଟ ଏବଂ ତାକୁଇ ନେଇ ସେ ପ୍ରକୃତି ସହିତ ଠିକ୍ ସମାୟୋଜନ କରିଥାଏ। ଏହି କାରଣରୁ ଜନ୍ମାନ୍ଧଟିଏ ତା' ଅନ୍ଧରାଜ୍ୟରେ ସମ୍ରାଟଟିଏ। ସେ କିଛି ପାଇବା ଜିନିଷ ହଜାଇ ନାହିଁ। ଏଣୁ ଖୋଜିବାର ନାହିଁ। ଖୋଜିବା କଥା ହିଁ ଦୁଃଖ। ଅଥଚ ଅର୍ଜିତ ବ୍ୟକ୍ତିଟିଏ ପାଇ ହରାଇଛି ବୋଲି ଦୁଃଖ। ପକେଟରେ ପଇସା ଥିଲେ ହଜିପାରେ। ହଜିଲେ ଖୋଜିବ ଅବଶ୍ୟମ୍ଭାବୀ। ଖୋଜି ନ ପାଇବାହିଁ ଦୁଃଖ ଓ ମନସ୍ତାପ।

ଅକ୍ଷମତା ଏକ ବିକଳ ଅଙ୍ଗ ନୁହେଁ। ପ୍ରତିଟି ବ୍ୟକ୍ତି ମାନବ ସମ୍ବଳ ନେଇ ଜନ୍ମ ହୋଇଛି। ତା'ର ବୁଦ୍ଧି, ବୃତ୍ତି ଓ ସାମର୍ଥ୍ୟ ଅଛି। ସେ କୋଉଟା ହେଲେ କାମ କରିବାକୁ ସମର୍ଥ। ଆମର ଉଦ୍ଦେଶ୍ୟ ସମସ୍ତଙ୍କର ମାନବ ସମ୍ବଳର ଯଥାଯଥ ବିନିଯୋଗ ହେଉ। ଯିଏ ଯୋଉଥିପାଇଁ ଯୋଗ୍ୟ, ଯୋଉ ଭିନ୍ନତାକୁ କ୍ଷମ, ତାକୁ ସେଇଠି ବିନିଯୋଗ କରାଯାଉ।

ଏକଥା ମ୍ନ କହି ରଖୁ ଯେ ଭିନ୍ନକ୍ଷମ ସାଧାରଣ ବ୍ୟକ୍ତିଟିଏ ଠାରୁ ଭିନ୍ନ କଥାରେ ଏମିତିରେ ଅଧିକକ୍ଷମ। ଜଣେ ବ୍ୟକ୍ତିର ତା' ସଂପତ୍ତିକୁ ଯଦି ତା' ପାଞ୍ଚ ସନ୍ତାନ ଭିତରେ ସମାନ ଭାବରେ ବାଣ୍ଟିଦିଏ, ଚାରୋଟି ସନ୍ତାନ ଥିଲେ ଅଧିକ ପଢ଼ିଥାନ୍ତା ନିଶ୍ଚୟ। ସେହି ଅର୍ଥରେ ପାଞ୍ଚଟି ଇନ୍ଦ୍ରିୟ ଭିତରୁ ଗୋଟିଏ ଅକାମୀ ହୋଇଗଲେ ଅନ୍ୟମାନେ ଅଧିକ ବଳଶାଳୀ ଓ କ୍ରିୟାଶୀଳ ହୋଇ ଯାଆନ୍ତି, ଏକଥା ସତ୍ୟ।

ଜନ୍ମଗତ ବା ଅର୍ଜିତ ଭିନ୍ନକ୍ଷମ ସମାଜରେ ଏକ ବିଶେଷ ଅଙ୍ଗ। 'ନାହିଁ' ଅର୍ଥରେ ଆମେ ସେମାନଙ୍କୁ ପଛକୁ ଠେଲି ଅବହେଳା କରିବା ନାହିଁ। ହେଲେନ୍ କେଲର ପରି ଜନ୍ମାନ୍ଧ ବିଶ୍ୱରେ ଯେଉଁ କୃତିତ୍ୱ ଦେଖାଇଛନ୍ତି, ତା'ର ପଟାନ୍ତର ନାହିଁ। ଏବେ ବି କର୍ମ କ୍ଷେତ୍ରରେ ନିଯୁକ୍ତି ଭିନ୍ନକ୍ଷମ ମାନେ ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ଦେଖାଇ ସାରିଲେଣି।

ଆମକୁ ସେମାନଙ୍କର ଅସୁବିଧାକୁ ଦେଖିବାକୁ ହେବ, ସେମାନଙ୍କର ବିଭିନ୍ନ ସମସ୍ୟାକୁ ବିଚାରକୁ ନେବାକୁ ହେବ, ବିଭିନ୍ନ କର୍ମକ୍ଷେତ୍ରରେ ସେମାନଙ୍କୁ ଯୋଗ୍ୟତା ଭିତ୍ତିକ ସମାନ ଅଧିକାର ଦେବାକୁ ହେବ, ଏନେଇ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇପାରେ; ସେମାନଙ୍କ ଥଇଥାନ କରିବାକୁ ହେବ; ଯେଉଁଠି ସମ୍ଭବ, ସେମାନଙ୍କର ଅକର୍ମଣ୍ୟତାକୁ କୃତ୍ରିମ ଉପାୟରେ ସୁଧାରିବାକୁ ହେବ, ସେମାନଙ୍କର ବେକାରୀଙ୍କୁ ବେକାରୀ ଭିନ୍ନତା ଏବଂ ଚଳପ୍ରଚଳକୁ ଗାଡ଼ି ଅଥବା ତତ୍ ଜନିତ ନିୟମିତ ଭତ୍ତା ଯୋଗାଇବାକୁ ହେବ; ଏବଂ ସର୍ବୋପରି ସମାଜରେ ଏକ ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ବ୍ୟକ୍ତି ହିସାବରେ ବଂଚିବାକୁ ଦିଆଯିବ। ଏହି ବାର୍ତ୍ତା ପ୍ରତିଟି ବ୍ୟକ୍ତି, ଅଞ୍ଚଳ, ଦେଶ ତଥା ବିଶ୍ୱରେ ସୂଚାଇ ଦେବା ପାଇଁ ୩ ଡ଼ିସେମ୍ବର ୧୯୯୨ ଠାରୁ ମିଳିତ ଜାତିସଂଘ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ପ୍ରତିବର୍ଷ ୩ ଡ଼ିସେମ୍ବରକୁ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଉଛି।

ଦୁଃଖ ଯେ ଏତେ ସତ୍ତ୍ୱେ ଭିନ୍ନକ୍ଷମଙ୍କ ଅବସ୍ଥା ସୁଧୁରେ ନାହିଁ। ଏମିତିକି ଗାଡ଼ି ମଟର କି ଅନ୍ୟାନ୍ୟ ଯାନବାହନରେ ତାଙ୍କ ପାଇଁ ସଂରକ୍ଷିତ ସ୍ଥାନଗୁଡ଼ିକ କଥା କଥିତ ବାବୁମାନେ ମାଡ଼ିବସନ୍ତି। କାହାକୁ କହିଲେ କେହି ଶୁଣିବାର ନାହିଁ। ଏପରିସ୍ଥଳେ ସହାନୁଭୂତି, ସହଯୋଗ ଓ ସମବେଦନା ତଥା କିପରି କହିବା ?

ତଥାପି ଆସନ୍ତୁ, ସେମାନଙ୍କ ପାଇଁ ସାହାଯ୍ୟ ଏବଂ ଅନୁକମ୍ପାର ହାତଟିଏ ବଢ଼ାଇ ଦେବା। ସମାଜରେ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ହିସାବରେ ବଞ୍ଚିବାରେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା।

+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ବିକାଶନଗର, ଜଟଣୀ,
ଦୂରଭାଷ : ୯୯୩୮୩୪୪୧୩୮

ଅନ୍ୟ ଏକ ତାଜମହଲ

ତାଜମହଲ ଦୁନିଆର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ । ପ୍ରେମର ପ୍ରତୀକ ରୂପେ ବିଦ୍ୟମାନ ତାଜମହଲ ଦେଖିବାକୁ ଦେଶବିଦେଶରୁ ବହୁଲୋକ ଆସିଥାନ୍ତି । ତେବେ ଆପଣ ଜାଣନ୍ତି କି ? କେବଳ ଆଗ୍ରାରେ ନୁହେଁ, ଭାରତର ପଡ଼ୋଶୀ ଦେଶ ବାଂଲାଦେଶରେ ମଧ୍ୟ ରହିଛି ତାଜମହଲର ଅବିକଳ ନକଲ । ଭାରତର ତାଜମହଲ ପରି ଏହା ଐତିହାସିକ ସୃଷ୍ଟ ନୁହେଁ । ମାତ୍ର ୧୦ବର୍ଷ ପୂର୍ବେ ୨୦୦୮ ମସିହାରେ ତାଜମହଲ ତିଆରି ଆରମ୍ଭ ହୋଇଥିଲା ବାଙ୍ଗାଲାଦେଶର ପ୍ରସିଦ୍ଧ ବଳଚିତ୍ର ନିର୍ମାତା ଅହସାନୁଲାହ ମୋନି ୫୬ ମିଲିୟନ ଡଲାର ବ୍ୟୟରେ ନିର୍ମାଣ କରିଥିଲେ । ଏହି ତାଜମହଲ ତିଆରି କରିବା ପାଇଁ ଅହସାନୁଲାହ ମୋନିଙ୍କୁ ୫ବର୍ଷ ସମୟ ଲାଗିଥିଲା । ଭାରତରେ ଥିବା ତାଜମହଲକୁ ଦେଖିବା ପରେ ଅହସାନୁଲଶହ ମୋନି ଏହାର ନିର୍ମାଣ କୌଶଳରେ ମୁଗ୍ଧ ହୋଇଯାଇଥିଲେ । ପରେ ଅର୍ଥ ଅଭାବରୁ ଯେଉଁ ବାଙ୍ଗଲାନେଶୀମାନେ ଭାରତର ତାଜମହଲ ଦେଖିପାରୁ ନାହାନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ନିଜ ଦେଶରେ ତାଜମହଲ ନିର୍ମାଣ କରିବା କଥା ଚିନ୍ତା କରିଥିଲେ । ଏହାକୁ

ଗରିବଙ୍କ ତାଜମହଲ ବୋଲି ମଧ୍ୟ କହିଥାନ୍ତି । ଏହାର ଆକାର ଏବଂ ସ୍ୱରୂପ ଯଦିଓ ଭାରତର ତାଜମହଲ ବୋଲି ମଧ୍ୟ କହିଥାନ୍ତି । ଏହାର ଆକାର ଏବଂ ସ୍ୱରୂପ ଯଦିଓ ଭାରତର ତାଜମହଲ ସହ ସମାନ, କିନ୍ତୁ ଏଥିରେ ବ୍ୟବହୃତ ନୀଳ ଏବଂ ଗୋଲାପୀ ରଙ୍ଗ ଆଗ୍ରା ତାଜମହଲଠାରୁ ଏହାକୁ ଭିନ୍ନ କରିଛି ଏଥିରେ ବ୍ୟବହୃତ ହୀରା ପ୍ରତି ପର୍ଯ୍ୟଟକଙ୍କ ଦୃଷ୍ଟିଆକର୍ଷଣ କରିଥାଏ । ନିର୍ମାଣରେ ୧୬୦ କି.ଗ୍ରା. ପିତଳ ବ୍ୟବହାର କରାଯାଇଛି ।

ନିୟମିତ ଦାନ୍ତ ବିନ୍ଧୁଥିଲେ ଚିନ୍ତା ନାହିଁ

କିଛି ଥଣ୍ଡା କିମ୍ବା ଗରମ ପିଇବା ଦ୍ୱାରା ଦାନ୍ତ ଝିମ୍ ଝିମ୍ ହେବା ଏକ ସାଧାରଣ ସମସ୍ୟା । ସଠିକ୍ ଯତ୍ନ ନନେଲେ ମଧ୍ୟ ଦାନ୍ତରୁ ଦୁର୍ଗନ୍ଧ ହେବା ସହ ରକ୍ତ ବାହାରିଥାଏ । ତେବେ ଏସବୁ କ୍ଷେତ୍ରରେ ଆମକୁ ଡାକ୍ତର ପାଖକୁ ଯିବାକୁ ପଡ଼ିଥାଏ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପଚାର ଦ୍ୱାରା ଏସବୁ ସମସ୍ୟାରୁ ଆରାମ ମିଳିପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତ ବିନ୍ଧାକୁ କିପରି କରିବା ବାଏ ବାଏ । ଲେମ୍ବୁରେ ଭିଟାମିନ୍-ସି ଥାଏ, ଯାହା ଦାନ୍ତ ବିନ୍ଧାରୁ ମୁକ୍ତି ଦେଇଥାଏ । ବିନ୍ଧା ହେଉଥିବା ଅଂଶରେ ଲେମ୍ବୁର ଛୋଟ ଖଣ୍ଡଟିଏ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ । ଯଦି ଦାନ୍ତ ବିନ୍ଧା ହେବା ସହ ଫୁଲିଯାଏ ତେବେ ଆଳୁର ଛୋଟ ଗୋଟିଏ ଅଂଶ କାଟି ସେହି ସ୍ଥାନରେ ୧୫ମିନିଟ୍ ପାଇଁ ରଖନ୍ତୁ । ଏହାଦ୍ୱାରା ଆରାମ ମିଳେ । ଯଦି ଆପଣ ଦାନ୍ତ ସମସ୍ୟା ପାଇଁ ବ୍ୟସ୍ତ ତେବେ ରସୁଣ ଏଥିରୁ ମୁକ୍ତି ଦେବ । ରସୁଣରେ ଲୁଣଲଗାଇ ଖାଆନ୍ତୁ । ନିୟମିତ ସକାଳେ ଏପରି କଲେ ଅନେକ ଲାଭ ମିଳିଥାଏ । ଦାନ୍ତ କଷ୍ଟରୁ ମୁକ୍ତି ପାଇଁ ପିଆଜ ଏକ ଭଲ ଉପାୟ । ଡାକ୍ତର ବି ମାନନ୍ତି ପ୍ରତି ୩ମିନିଟରେ ଥରେ ଛୋଟ ପିଆଜ ଖଣ୍ଡେ ଖାଇବା ଉଚିତ୍ ।

ନାଇଟ୍ ସିଫ୍ଟ କରୁଥିଲେ ସାବଧାନ!

ନାଇଟ୍ ସିଫ୍ଟ କରୁଥିବା ଲୋକେ ଏବେ ସାବଧାନ ହୋଇଯାନ୍ତୁ । କାରଣ ଏମାନଙ୍କୁ ଡାଇବେଟିସ୍ ହେବା ଆଶଙ୍କା ଅଧିକ ରହୁଛି ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ରାତିରେ କାମ କରିବା ଦ୍ୱାରା ରକ୍ତରେ ଗ୍ଲୁକୋଜ୍ ସ୍ତରରେ ଅନିୟମିତତା ଦେଖାଯାଏ । ଏଥିଯୋଗୁଁ ଜଣେ ବ୍ୟକ୍ତି ଟାଇପ୍-୨ ଡାଇବେଟିସ୍‌ରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି । ଏହି ରୋଗରେ ରକ୍ତରେ ଗ୍ଲୁକୋଜ୍ ମାତ୍ରା ସାମାନ୍ୟଠାରୁ ଅଧିକ ଥାଏ । ଏହି ରୋଗୀମାନେ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ସହ ସେମାନଙ୍କ ର ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଇଥାଏ । ଏହାବ୍ୟତୀତ ଏମାନଙ୍କର କିହନୀ ଖରାପ ହୋଇଯିବା ଆଶଙ୍କା ମଧ୍ୟ ଅଧିକ ଥାଏ । ଅଧନ ସମୟରେ ଦିନରେ କାମ କରୁଥିବା ଲୋକଙ୍କ ଅପେକ୍ଷା ରାତିରେ କାମ କରୁଥିବା ଲୋକଙ୍କର ଗ୍ଲୁକୋଜ ସ୍ତର ୧୬% ବୃଦ୍ଧି ପାଇଥିବାର ଦେଖାଯାଇଥିଲା । ହାଭାର୍ଡ ମେଡିକାଲ ସ୍କୁଲ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା । ରାତିଟିଏ ବି କାମ କଲେ ଗ୍ଲୁକୋଜ ସ୍ତରରେ ଅନିୟମିତତା ଦେଖାଯାଏ । ନାଇଟ୍ ସିଫ୍ଟରେ ଦୀର୍ଘଦିନ ଧରି କାମ କରିବା ଦ୍ୱାରା ଜଣେ ଟାଇପ୍ - ଟୁ ଡାଇବେଟିସରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି ।

ସ୍ତନ୍ୟପାନ ସମୟରେ ଖାଦ୍ୟ

ସ୍ତନ୍ୟପାନ କରାଉଥିବା ମହିଳା ନିଜର ଦୈନିକ ଖାଦ୍ୟପେୟରେ ଭିଟାମିନ, ମିନେରାଲ ଏବଂ ଆଇରନଯୁକ୍ତ ପନିପରିବା ଖାଇବା ଦରକାର, ଯାହାକି ମା' ଓ ପିଲା ଉଭୟଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ । ତୈଳଯୁକ୍ତ ଖାଦ୍ୟପଦାର୍ଥ ଏବଂ ଜଙ୍କ ଫୁଡ୍ ସେବନ କଲେ ପିଲାର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ । ସୁସ୍ଥ ଆହାର ଏବଂ ସୁସ୍ଥ ପାନୀୟ ସେବନ କରୁଥିବା ମା' ହିଁ ପିଲାକୁ ସୁସ୍ଥ ରଖିପାରେ ।

ଟମାଟୋ

ଟମାଟୋରେ ରହିଛି ପୋଟାସିୟମ ଏବଂ ଭିଟାମିନ 'ସି' । ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଏହା ଅତ୍ୟନ୍ତ ଲାଭପ୍ରଦ । ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ଶକ୍ତି ପ୍ରଦାନ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିଥାଏ ।

ଆଳୁ

ଆଳୁରେ ପ୍ରଚୁର ମାତ୍ରାରେ ଭିଟାମିନ୍ 'ସି', ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ଏହା ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର କରିଥାଏ । ମା' ଏବଂ ପିଲା ଉଭୟଙ୍କ ପାଇଁ ଏହା ସ୍ୱାସ୍ଥ୍ୟପ୍ରଦ ।



ବ୍ରୋକୋଲି

ଏଥିରେ ଥିବା ଆଇରନ, ପୋଟାସିୟମ, ଜିଙ୍କ ଏବଂ ଭିଟାମିନ ପିଲାଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ । ଏହାବ୍ୟତୀତ ଏଥିରେ କମ କ୍ୟାଲୋରି ମଧ୍ୟ ରହିଛି ।

ଭେଣ୍ଡି

ଭେଣ୍ଡିରେ ରହିଛି କ୍ୟାଲସିୟମ ଏବଂ ଫୋଲେଟ୍, ଯାହାକି ମା'ର ହାଡ଼କୁ ଶକ୍ତ ରଖିଥାଏ । ଏହା ପିଲାକୁ ବି ସୁସ୍ଥ ରଖିଥାଏ ।

ହୃଦ୍‌ଘାତର ସଙ୍କେତ ଦେବ ସେନସର୍

ୱାରୱିକ୍ ବିଶ୍ୱବିଦ୍ୟାଳୟରେ ଗବେଷକ ଏନ ନୂତନ ଅନୁସନ୍ଧାନ କରି ବିଶ୍ୱସ୍ତରରେ ପ୍ରଶଂସିତ ହୋଇପାରିଛନ୍ତି । ଯେ କୌଣସି ବୟସ ଓ ବର୍ଗର ବ୍ୟକ୍ତିଙ୍କର ମାତ୍ର ୨ବୁନ୍ଦା ରକ୍ତର ପରୀକ୍ଷା ପରାଯାଇ କିଛି ଅବଗତ କରାଯିବ । ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନ ଜୀବନଶୈଳୀରେ ପ୍ରମୁଖ ସମସ୍ୟା ହେଲା ଲୋକଙ୍କ ପାଖରେ ସମୟ ନାହିଁ । ହେୟଜ୍ଞାନ କରି ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏଣୁ ଲୋକଙ୍କ ଶୀଘ୍ର ତଥା ସରଳ ଉପଚାର ନିମନ୍ତେ ବିଶେଷଜ୍ଞ ଦଳ ଏକ ଅତ୍ୟାଧୁନିକ ସେନସର ତିଆରି କରିଛନ୍ତି । ସେନସରରେ ଲାଗିଥିବା ପନରେ ମାତ୍ର ୨ବୁନ୍ଦା ରକ୍ତ ସ୍ପର୍ଶ ହୋଇଥାଏ । ଏହା ଦ୍ୱାରା ଶରୀରରେ କେତେ ପରିମାଣର ପ୍ୟୁରିନ୍ ଅଛି, ତାହା ଯାଞ୍ଚ ହୋଇପାରିବ । ବିଶେଷଜ୍ଞଙ୍କ ମତରେ ଶରୀରରେ ପ୍ୟୁରିନର ମାତ୍ରା ବଢ଼ିଲେ ବିଭିନ୍ନ ରୋଗ ହେବାର ଆଶାଙ୍କା ହୋଇଥାଏ । ବିଭିନ୍ନ ପ୍ରକାର ଖାଦ୍ୟପାନୀୟ କାରଣରୁ ହିଁ ଶରୀରକୁ ପ୍ୟୁରିନ ଯାଇଥାଏ । ରକ୍ତରେ ମିଶିବା ପରେ ଏଇ

ପ୍ୟୁରିନ ବୃକକକୁ ପହଞ୍ଚିଥାଏ । ଏହି ପ୍ୟୁରିନ କାରଣରୁ ଧମନୀରେ ବ୍ଲକେଜ, ଆଣଣ୍ଟୁଗଣ୍ଠି ବିନ୍ଧା ସମସ୍ୟା ଉପୁଜେ । ୪୦୦ରୋଗୀଙ୍କ ଉପରେ ଏଇ ସେନସର ପରୀକ୍ଷା କରାଯାଇଥିଲା । ପ୍ୟୁରିନର ସ୍ତର ନିର୍ଦ୍ଧାରଣ କରିବା ପରେ ଯନ୍ତ୍ରଟି ସଙ୍କେତ ଦେଇଥାଏ ରୋଗୀଜଣକ ହୃଦରୋଗୀ କି ନୁହେଁ ? ନିକଟ ଭବିଷ୍ୟତରେ ହୃଦଘାତର ଆଶଙ୍କା ଥିଲେ ତାହା ମଧ୍ୟ ସେନସର ସଙ୍କେତ ଦେଇଥାଏ । ଅନ୍ୟପାଖେ ସେନସରଟି ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବଜାରରେ ଉପଲବ୍ଧ ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ କେବଳ ବିଶେଷଜ୍ଞମାନେ ହିଁ ଏହାର ବ୍ୟବହାର କରିବେ ବୋଲି ଗବେଷକ ଦଳ ସ୍ପଷ୍ଟ କରିଛନ୍ତି ।

ଏକ୍ସପାଏରୀ ଫୁଡ୍‌ର ସୁପରମାର୍କେଟ୍

ଗୋଟିଏ ପଟେ ପୃଥିବୀରେ ଅନେକ ଲୋକ ଖାଦ୍ୟାଭାବରୁ ମୃତ୍ୟୁର ଶିକାର ହେଉଥିବା ବେଳେ ଅନ୍ୟପଟେ ପ୍ରତଦିନ ନଷ୍ଟହୁଏ ହଜାର ହଜାର ଟନର ଖାଦ୍ୟ। ଅନେକ ସମୟରେ କୌଣସି ଖାଦ୍ୟ ନଷ୍ଟ ହୋଇ ନଥିଲେ ବି ତାର ଖରାପ ପ୍ୟାକେଜିଂ ଯୋଗୁଁ ଉକ୍ତ ପ୍ରଡ଼କ୍ଟ କମ୍ପାନୀକୁ ପୁଣିଥରେ ଫେରାଇ ଦିଆଯାଏ। ବର୍ତ୍ତମାନ ଏହି ଖାଦ୍ୟ ଅପଚୟକୁ କମ୍ କରିବା ପାଇଁ ଡେନମାର୍କ ଠାରେ ପ୍ରଥମ କରି 'ୱିଫୁଡ୍' ନାମକ ଏକ ସୁପରମାର୍କେଟ ଖୋଲା ଯାଇଛି, ଯେଉଁଠି ବିକ୍ରି ହୁଏ ଏକ୍ସପାଏରୀ ଫୁଡ୍। ତେବେ ଏହି ଖାଦ୍ୟ ବାସି ନୁହେଁ କିମ୍ବା ନଷ୍ଟ ହୋଇ ନଥାଏ। କେବଳ ଠିକ୍ ପ୍ୟାକେଜିଂ ହୋଇ ନଥିବା ଅଥବା ଉକ୍ତ ଖାଦ୍ୟ କିମ୍ବା ଜିନିଷର କମ୍ ବ୍ୟବହାର ଯୋଗୁଁ ମାର୍କେଟରୁ ଫେରାଯାଇଥିବା ପ୍ରଡ଼କ୍ଟଗୁଡ଼ିକ ଏହି ସୁପରମାର୍କେଟରେ ବିକ୍ରି ହୁଏ। ତେବେ ଏଠାରେ କେବଳ ଖାଦ୍ୟ ପଦାର୍ଥ ନୁହେଁ, କସମେଟିକ୍ ଏବଂ ଅନ୍ୟ ଘରକରଣା ଜିନିଷ ମଧ୍ୟ ବିକ୍ରି ହୁଏ। ତାହା ପୁଣି ମାର୍କେଟ ମୂଲ୍ୟଠାର ୩୦ରୁ ୫୦ ପ୍ରତିଶତ ରିହାତିରେ। ଏହା ହେଉଛି ପୃଥିବୀର ପ୍ରଥମ ସୁପରମାର୍କେଟ, ଯାହା ଲୋକଙ୍କୁ କମ୍ ଦାମରେ ଖାଦ୍ୟ ଯୋଗାଇବା ସହିତ ଏହାକୁ ନଷ୍ଟ ନକରିବା ଲାଗି ସତର୍କ କରାଇଥାଏ।





ସମୁଦ୍ରକୁ ନେଇ ଚାଲିଛି ବେପାର : ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ସହରବାସୀ ହନ୍ତସନ୍ତ

ପୁରୀ,୨।୧୨ (ନି.ପ୍ର): ଶ୍ରୀକ୍ଷେତ୍ର ହେଉଛି ଆର୍ନ୍ତଜାତିକ ପର୍ଯ୍ୟଟନ ସ୍ଥଳୀ ଓ ତୀର୍ଥକ୍ଷେତ୍ର । ପୁରୀକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିଥାନ୍ତି । ମହୋଦଧିର ମହନୀୟତା ଓ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଦେଶବିଦେଶରୁ ଭକ୍ତ ଟାଣିହୋଇ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି । ମହୋଦଧି ହେଉଛି ମହାପ୍ରଭୁଙ୍କ ଶ୍ୱଶୁର ଘର । ମା' ଲକ୍ଷ୍ମୀଙ୍କ ବାପଘର । ପ୍ରତି ଅମାବାସ୍ୟା ଦିନ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି । ମହୋଦଧି କୂଳରେ ତିଳତର୍ପଣ, ପିଣ୍ଡଦାନ, ସ୍ନାନ ଓ ଶୁଦ୍ଧକ୍ରିୟା କଲେ ପିତୃଲୋକଙ୍କ ଶୁଭଦୃଷ୍ଟି ପଡିଥାଏ । ସ୍ୱର୍ଗଦ୍ୱାର ଠାରୁ ଚକ୍ରତୀର୍ଥ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ତୀର୍ଥାଂଚଳ । ଏହି ଅଂଚଳରେ ବ୍ରାହ୍ମଣମାନେ ପିଣ୍ଡଦାନ, ଶ୍ରାଦ୍ଧ, ଅସ୍ଥି ବିସର୍ଜନ ଆଦି କାର୍ଯ୍ୟ ସମାପନ କରିଥାନ୍ତି । ଏଠାରେ ମଧ୍ୟ ବାରିକମାନେ ଶୁଦ୍ଧିକ୍ରିୟା ତଥା ମାନସିକରେ ମୁଣ୍ଡନ କ୍ରିୟା କରିଥାନ୍ତି । ମହୋଦଧିର ଏହି ପବିତ୍ର ଅଂଚଳକୁ ଧୀରେ ଧୀରେ ବ୍ୟବସାୟକରଣ କରାଯାଉଥିବାରୁ ଭକ୍ତ ଓ ତୀର୍ଥଯାତ୍ରୀଙ୍କ ମନରେ ଏହା ଆଘାତ ଦେଉଛି ।

ହଜିଗଲା ଦିଗବାରେଣୀ ଖୁଂଟ :- ବ୍ରିଟିଶ ଅମଳରୁ ମହୋଦଧି କୂଳରେ ଦିଗ ନିରୂପଣ ପାଇଁ ଏକ ବିରାଟ ସ୍ତମ୍ଭ ପୋତାଯାଇଥିଲା । ଲୁହା ଦଉଡାରେ ଖୁଂଟକୁ ଟାଣି ରଖିବା ପାଇଁ ବ୍ୟବସ୍ଥା ହୋଇଥିଲା । ଖୁଂଟ ଉପରେ ଲାଲ ଆଲୋକ ଜଳୁଥିଲା । ସେତେବେଳେ ମତ୍ସ୍ୟଜିବୀ ଓ ସାଧବ ପୁଅମାନେ ବେପାର ବଣିଜ କରିବା ପାଇଁ ସମୁଦ୍ରକୁ ଆର ପାରିକୁ ଯାଉଥିଲେ । ଏହି ଦିଗବାରେଣୀ ଖୁଂଟର ଲାଲ ଆଲୋକକୁ ଦେଖି ସେମାନେ ଦିଗ ନିରୂପଣ କରିପାରୁଥିଲେ । ଏହି ଅଂଚଳଟି କେନ୍ଦ୍ରଶାସିତ ଅଂଚଳ ଭାବେ ସେତେବେଳେ ପରିଗଣିତ ହେଉଥିଲା । ଏବେ ସେହି ଦିଗବାରେଣୀ ଖୁଂଟ ସେଠାରୁ ହଟିଯାଇ ବେପାର ଉଦ୍ଦେଶ୍ୟରେ ମୂର୍ତି ବସାଯିବା ସହ ବାଇକ୍ ଷ୍ଟାଣ୍ଡ କରାଯାଇଥିବାରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ଗାନ୍ଧୀଘାଟକୁ ବାଟ ନାହିଁ : ଜାତିର ଜନକ ମହାତ୍ମା ଗାନ୍ଧୀ ୧୯୪୮ ମସିହାରେ ମୃତ୍ୟୁବରଣ କରିବା ପରେ ତାଙ୍କ ଚିତାଭସ୍ମକୁ ମାଟିପାତ୍ରରେ ଅଣାଯାଇ ଯେଉଁ ସ୍ଥାନରେ ରଖାଯାଇ ପରେ ମହୋଦଧିରେ ବିସର୍ଜନ କରାଯାଇଥିଲା ସେହି ସ୍ଥାନକୁ ଗାନ୍ଧୀଘାଟ ନାମରେ ନାମିତ କରାଗଲା । ସେତେବେଳେ ହରେକୃଷ୍ଣ ମହତାବ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଯୋଗଦେଇଥିଲେ । ରାଜଘାଟ, ଦ୍ୱାରକା ଘାଟ ପରି ଗାନ୍ଧୀଘାଟ ମଧ୍ୟ ଏକ ସ୍ମୃତି ବହନ କରିଥାଏ । ପୁରୀ ପୌରସଂସ୍ଥା ଅଧୀନରେ ଗାନ୍ଧୀଘାଟର ଦାୟିତ୍ୱ ରହିଥିବା ବେଳେ କିଛି ବର୍ଷ ଧରି ନାଲ୍‌କୋ ଏହାର ଉନ୍ନତିକରଣ ପାଇଁ କାର୍ଯ୍ୟ କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଗାନ୍ଧୀଘାଟକୁ ଯଦି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆସନ୍ତି ତେବେ ଚାରିଚକିଆ ଯାନ ଯିବା ପାଇଁ ବାଟ ନାହିଁ ବୋଲି ଅଂଚଳବାସୀ କହୁଛନ୍ତି । ପୌର କାର୍ଯ୍ୟାଳୟ ସମ୍ମୁଖ ରାସ୍ତାଟି ଅତି ସଂକୀର୍ଣ୍ଣ ହୋଇଥିବା ବେଳେ ସେଠାରେ ଗାନ୍ଧୀଘାଟର ଫଳକ ଦୃଶ୍ୟମାନ ହୁଏନାହିଁ । ସମୁଦ୍ର ପଟକୁ ଥିବା ନୂଆଗେଟ୍ ହୋଇଥିବା ଅଂଚଳଟି ବ୍ଲୁଫ୍ଲାଗ୍ ବିଚ୍ ର ଆବଦ୍ଧ ଅଂଚଳ ଭାବେ ରହିଛି । ଶୌଚାଳୟ ନିକଟରେ ଥିବା ଗେଟ୍ ଟି ବନ୍ଦ କରିଦିଆଯାଇଛି । ସମୁଦ୍ରକୁ ନେଇ ବେପାର କରାଯାଉଥିବାରୁ ଏବେ ଗାନ୍ଧୀଙ୍କ ସ୍ମୃତି ଆଢୁଆଳରେ ରହିଯାଇଛି ବୋଲି ଗାନ୍ଧୀପ୍ରେମୀମାନେ କହୁଛନ୍ତି ।

ସମୁଦ୍ରରେ ପଡିଲା ବାଡ :- ଡେନମାର୍କର ଗୋଟିଏ ସଂସ୍ଥା ପୁରୀ ଲୋକାରଣ୍ୟ ସମୁଦ୍ରକୂଳ ଅଂଚଳକୁ ବ୍ଲୁଫ୍ଲାଗ୍ ବିଚ୍ ର ମାନ୍ୟତା ଦେଇ ବେପାର ପାଇଁ ବାଡ ପକାଇଥିବା ଦେଖିବାକୁ ମିଳିଛି । ଭାରତ ସ୍ୱାଧୀନ ହେବା ପର ଠାରୁ ଆର୍ନ୍ତଜାତୀୟ ସୀମାରେଖାକୁ ଲାଗିରହିଥିବା ସମୁଦ୍ର ବେଳାଭୂମିକୁ ଓ ସମୁଦ୍ର ଲହଡି ଭିତରେ କଂକ୍ରିଟ୍ ଖୁଂଟ ଉପରେ ପ୍ଲାଷ୍ଟିକ ପାଇପ୍ ଭିତରେ ଲୁହା ଛଡ ଗୋଡି ଭର୍ତି କରି ଖୁଂଟ କରାଯାଇଛି । ସମୁଦ୍ର ଢେଉ ଭିତରେ ପ୍ରାୟ ୨୦ ଫୁଟ ଅଂଚଳ ବାଡ କରାଯାଇଥିବାରୁ ପର୍ଯ୍ୟଟକ କୂଳେ କୂଳେ ଚାଲିକରି ଯିବାର ମଜା ନେଇପାରୁନାହାନ୍ତି । ସମୁଦ୍ର ଭିତରେ ବାଡ ପକାଇବା ଘଟଣା ଓଡିଶାରେ ପ୍ରଥମ ବୋଲି ସ୍ଥାନୀୟ ଲୋକ କହୁଛନ୍ତି । ବେପାର ପାଇଁ ସମୁଦ୍ର ଭିତରେ ବାଡ ପଡିଲା ବୋଲି ମତ୍ସ୍ୟଜିବୀମାନେ କହିବା ସହ ସେମାନେ ସେଠାରେ ଡଙ୍ଗା ଜାଲ ପକାଇ ଗୁରୁରାଣ ମେଂଟାଉଥିଲେ । ତାଙ୍କର ସବୁଦିନ ପାଇଁ ଜିବୀକା ବୁଡିଗଲା । ଅନ୍ୟ କୌଣସି ସ୍ଥାନରେ ଡଙ୍ଗା ଜାଲ ଥୋଇବା ପାଇଁ ଅନୁମତି ମିଳୁନାହିଁ । ବ୍ୟବସାୟୀକରଣ ପାଇଁ ପ୍ରାକୃତିକ ନିୟମକୁ ଭଙ୍ଗ କରାଯାଇଛି ବୋଲି ଆଲୋଚନା ହେଉଛି ।

ବ୍ଲୁଫ୍ଲାଗ୍ ବିଚ୍ ଅକ୍ତିଆରରେ ଗାନ୍ଧୀଘାଟ ଠାରୁ ମେ ଫେଆର୍ ହୋଟେଲ ପର୍ଯ୍ୟନ୍ତ ଅଂଚଳ : ଆର୍ନ୍ତଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀର ମହୋଦଧି ଅଂଚଳରେ ଗାନ୍ଧୀଘାଟ ଠାରୁ ମେ ଫେଆର୍ ହୋଟେଲ ପର୍ଯ୍ୟନ୍ତ ଅଂଚଳକୁ ବ୍ଲୁଫ୍ଲାଗ୍ ବିଚ୍ କୁ ବ୍ୟବସାୟ ପାଇଁ ଅଧିକାର ଦିଆଯାଇଛି । ସେଠାରେ ବାଡ ପକାଇ ଚାରିପଟ ବନ୍ଦ କରିବା ଯୋଗୁଁ ସମୁଦ୍ର କୂଳେ କୂଳେ ପର୍ଯ୍ୟଟକ ଯିବା ପାଇଁ ବାଟ ପାଉନାହିଁ । ଏପରିକି ଏହାଦ୍ୱାରା ଖୁଚୁରା ବ୍ୟବସାୟୀଙ୍କ ବେପାର ବୁଡିଯାଇଛି । ଝାଲ ମୁଢି ବାଲା, ଚା କଫି ଓ ବେଲୁନବାଲା ଆଉ ଚାଲିଚାଲି ସମୁଦ୍ରକୂଳେ ତା ବେପାର କରିପାରୁନାହିଁ । ଅନ୍ୟପକ୍ଷରେ ବ୍ଲୁଫ୍ଲାଗ୍ ବିଚ୍ ଆର୍ନ୍ତଜାତୀୟ ସଂସ୍ଥାର ଟ୍ୟାଗ୍ ହୋଇଥିଲେ ମଧ୍ୟ ଅଜି ପର୍ଯ୍ୟନ୍ତ ନୀଳପତାକା ଉଡାଣ ଉତ୍ସବ ହୋଇପାରିନାହିଁ । ପର୍ଯ୍ୟଟକମାନେ ବ୍ଲୁଫ୍ଲାଗ୍ ବିଚ୍ ଦେଖିବା ପାଇଁ କୋଡିଏ ଟଙ୍କାର ଟିକେଟ୍ କାଟୁଥିବା ବେଳେ ଗାଡି ପାର୍କିଂ ଟିକେଟକୁ ନେଇ ରହସ୍ୟ ରହିଛି । ଗାଡି ପ୍ରବେଶ ସମୟରେ ଟିକେଟ ମିଳୁଥିବା ବେଳେ ପ୍ରସ୍ଥାନ ବେଳେ ଘଂଟା ହିସାବରେ ହିସାବ କରି ଟଙ୍କା ନେଉଛନ୍ତି । ଦର୍ଶକଙ୍କୁ ଗାଡି ରଖିବାର ଟିକେଟ୍ ଆସିବା ପରେ ମିଳୁନାହିଁ । ଜଣେ ଦର୍ଶକ କୋଡିଏ ଟଙ୍କାର ଟିକେଟ କାଟି ତିନି ଘଂଟା ବ୍ଲୁଫ୍ଲାଗ୍ ବିଚ୍ ରେ ବୁଲିଲେ ତାର ଦୁଇଚକିଆ ଯାନକୁ ତିରିଶ ଟଙ୍କା ପଡିବ । ଏହିପରି ଜଣକୁ ପଚାଶ ଟଙ୍କା ଦେବାକୁ ପଡୁଛି । ଟଙ୍କା ଦିଅ ସମୁଦ୍ର ଦେଖ ନ୍ୟାୟରେ ବ୍ଲୁଫ୍ଲାଗ୍ ସମୁଦ୍ରକୂଳ ମାଡିବସି ତାର ବେପାର ଚଳାଇଥିବା ଆଲୋଚନା ହେଉଛି ।

ନୀଳାଦ୍ରି ପାର୍କ :- ନୀଳାଦ୍ରି ପାର୍କ ନାଁ ରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ତାର ଫଳକ ନାହିଁ କି ଉଦଘାଟନ ହୋଇପାରିନାହିଁ । ବାଙ୍କି ମୁହାଣ ନିକଟରେ ଏହି ପାର୍କ ଗଢି ଉଠିଥିବା ବେଳେ ଗତ ଫନି ବାତ୍ୟାରେ ନିର୍ମାଣାଧୀନ ପାର୍କ ଉପରେ ବାଲି ଚଢିଯାଇଥିଲା । ଏବେ ନିକଟରେ ବାଲି କଢାଯାଇ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି । ସେଠାରେ ମଧ୍ୟ ବେପାର ଆଶା ରଖି ପ୍ରଥମରୁ ସି.ସି. କ୍ୟାମେରା ଲଗାଯାଇଛି । ପର୍ଯ୍ୟଟକ ଖାତାରେ ଦସ୍ତଖତ, ମୋବାଇଲ୍ ନମ୍ବର ଦେଉଛନ୍ତି । ଆସ୍ତେ ଆସ୍ତେ ସେଠାରେ ମଧ୍ୟ ଟିକେଟ ଦେୟ ଦେବାକୁ ପଡିବ ବୋଲି ଜଣେ କଲେଜ ଛାତ୍ର କହିଛନ୍ତି । ଏହି ପାର୍କ ନିର୍ମାଣରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁ ଯୋଜନାରେ ହୋଇଛି, କ'ଣ କ'ଣ କାମ ହୋଇଛି, କେଉଁ ଠିକାଦାର କାମ କରିଛି, ଶ୍ରମ ଦିବସ କେତେ, କ'ଣ କ'ଣ ସରଞ୍ଜାମ କିଣାଯାଇଛି, କେତେ ପଥର ଲାଗିଛି ତାର କୌଣସି ତଥ୍ୟ ପର୍ଯ୍ୟଟକ ଓ ସହରବାସୀ ପାଇପାରୁନଥିବାରୁ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଡିସେମ୍ବର ମାସ ପାଇଁ ହିତାଧିକାରୀମାନଙ୍କୁ ବଂଟନ କରାଗଲା ଶୁଖିଲା ରାସନ

ଭୁବନେଶ୍ୱର,୨।୧୨ (ନି.ପ୍ର): କୋଭିଡ୍-୧୯ ମହାମାରୀ ସ୍ଥିତିରେ ସାରା ରାଜ୍ୟର ୭୨,୫୮୭ ଅଙ୍ଗନବାଡ଼ି କେନ୍ଦ୍ରକୁ ଚଳିତ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରପରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କିନ୍ତୁ ରାଜ୍ୟର ମହିଳା, ଗର୍ଭବତୀ ଓ ଶିଶୁ ମାନଙ୍କ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଜାରି ରଖବବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ମାସର ୧ ତାରିଖ ହୋଇଥିବାରୁ ମହିଳା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀ ମାନଙ୍କ ଘରକୁ ଯାଇ ଟେକ୍ ହୋମ୍ ରାସନ୍ ବଂଟନ କରିଛନ୍ତି । ଏଥିରେ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ସମେତ ୬ ମାସରୁ ୩ ବର୍ଷ ଏବଂ ୩-୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ଛତୁଆ, ଅଣ୍ଡା, ଲଡୁ ଓ ଚିକି ବଂଟନ କରାଯାଇଛି । ୩ରୁ ୬ ବର୍ଷ ବୟସର ପ୍ରାକ୍ ବିଦ୍ୟାଳୟ ଶିଶୁ ମାନଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ସକାଳ ଜଳଖିଆ ଏବଂ ରନ୍ଧାଖାଦ୍ୟ ବାବଦରେ ଶୁଖିଲା ରାସନ୍ ବଂଟନ କରାଯାଇଛି । କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଶୁ ମାନଙ୍କ ମାଣ୍ଡିଆ ଲଡୁ ପ୍ରଦାନ ପାଇଁ ମାଣ୍ଡିଆ ଚୂନାର ପ୍ୟାକେଟ୍ ବଂଟନ କରାଯିବା ସହ ଏହି ଚୂନାରୁ ଲଡୁ ପ୍ରସ୍ତୁତ କରି ପିଲାମାନଙ୍କୁ ଖୁଆଇବା ପାଇଁ ମା ମାନଙ୍କୁ ପରାମର୍ଶ ଦିଆଯାଇଛି । ହିତାଧିକାରୀ ମାନଙ୍କ ଘରେ ଶୁଖିଲା ରାସନ୍ ବଂଟନ ସମୟରେ କୋଭିଡ୍-୧୯ ନିୟମାବଳୀର କଡ଼ାକଡ଼ି ଅନୁପାଳନ କରାଯାଇଛି । ଏହି ବଂଟନ ବ୍ୟବସ୍ଥାକୁ ଆଇସିଡିଏସ୍ କାର୍ଯ୍ୟକର୍ତାମାନେ ପରିଚାଳନା କରିବା ସହ ବିଭାଗର ଟେଲି ମନିଟରିଂ ଟିମ୍ ବଂଟନ ବ୍ୟବସ୍ଥାକୁ ତଦାରଖ କରୁଛନ୍ତି । ପ୍ରକାଶ ଥାଉ କି, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଅଧିକ ସ୍ୱଚ୍ଛତା ଆଣିବା ସହ ରାସନ୍‌ର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ମୋ ଛତୁଆ ଆପ୍‌ର ବିକାଶ କରାଯାଇଛି । କୋଭିଡ୍ ସ୍ଥିତିରେ ଏହି ଆପ୍‌ର ଉପଯୋଗ ନିମନ୍ତେ ଆଇସିଡିଏସ୍ କାର୍ଯ୍ୟକର୍ତା ମାନଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଛତୁଆର ମାନ ନିର୍ଦ୍ଧାରଣ ଏବଂ ଶୁଖିଲା ରାସନ୍‌ର ଗୁଣବତା ପରୀକ୍ଷଣ ପାଇଁ ସିଏଫ୍‌ଟିଆର୍‌ଆଇ, ମହୀଶୂର ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । କୋଭିଡ୍-୧୯ ଲକ୍‌ଡାଉନ୍‌ର କଠିନ ପରିସ୍ଥିତି ଜାରି ରହିଥିଲେ ମଧ୍ୟ ରାଜ୍ୟର ୪୫.୭୮ ଲକ୍ଷ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେଉଛନ୍ତି ।

ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ

କୋରେଇ,୨।୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର ତାଲୁରା ଗ୍ରାମରେ ଗେଡ ପଲେଇଙ୍କ ପୁଅ ରାଜେନ୍ଦ୍ରଙ୍କ ଅଭିଯୋଗ ମୁତାବକ ଗତ ନଭେମ୍ବର ୨୮ ତାରିଖ ସେ ଗ୍ରାମ ମନ୍ଦିର ନିକଟରେ ତରଣ ବସାଇବା ପାଇଁ ଲିପାପୋଛା କରି ଆସିଥିଲେ । ଚୁଲା ପୂଜା କରିବାକୁ ଆସି ଦେଖିବା ବେଳକୁ ତାଙ୍କ ଗ୍ରାମର କାର୍ତିକ ପଲେଇ ଓ ତାଙ୍କ ପୁଅ ସନ୍ତୋଷ ଚୁଲା ଉପରେ ଜେତା ଥୋଇଥିଲେ । ରାଜେନ୍ଦ୍ର ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଳଜ କରିଥିଲେ । ସେଠାରେ କିଛି ଗ୍ରାମବାସୀ ପହଂଚି ବୁଝାସୁଝା କଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ । ପରେ ସେମାବାର ୩୦ ତାରିଖ ରାଜେନ୍ଦ୍ର ବିଲରୁ ଫେରୁଥିବା ସମୟରେ କାର୍ତିକ ପରିବାର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ପାଟି ଶୁଣି ରାଜେନ୍ଦ୍ରର ସ୍ତ୍ରୀ ମଂଜୁଲତା ସେଠାରେ ପହଂଚିବାରୁ କାର୍ତିକଙ୍କ ସ୍ତ୍ରୀ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଫଳରେ ସ୍ୱାମୀ ସ୍ତ୍ରୀ ଉଭୟେ ଆହତ ହୋଇଥିଲେ । ଏଥି ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଡାକ୍ତରଖାନାରେ ଚିକିତ୍ସିତ ହୋଇ ରାଜେନ୍ଦ୍ର ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସର ମାମଲାର ତଦନ୍ତ କରୁଛି ।

ଜାରକା ସତ୍ୟସାଇ ସମିତିର ବାର୍ଷିକୋତ୍ସବ

ଧର୍ମଶାଳା,୨।୧୨ (ନି.ପ୍ର): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକାର ୧୪ତମ ବାର୍ଷିକୋତ୍ସବ ଓ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରୋନା କବଳିତ ସମଗ୍ର ବିଶ୍ୱ ଝୁଝୁଥିବା ବେଳେ କୋଭିଡ-୧୯ ନିୟମାବଳୀ ଅନୁଯାଇ ବାର୍ଷିକଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ପ୍ରଭାତରେ ଓମ୍‌କାର ମ,ସୁପ୍ରଭାତମ, ନଗରସଂକୀର୍ତନ ଆଦି ଯଥାରିତିକାନ୍ତି ଅନୁଯାୟୀ ପାଳିତ ହୋଇଥିଲା । ପରେ ସମିଆଁ ପଂଚାୟତ ବୁଢାକେନ୍ଦୁଆସ୍ଥିତ 'ନେସନ'ଅନାଥ ଆଶ୍ରମଠାରେ ଏକ ଦିବସୀୟ କୁନିକୁନି ପିଲାମାନଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତିର ଆବାହକ ଭଜନାନନ୍ଦ ସାମଲ,ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ,ଆଧ୍ୟାତ୍ମିକ ସଂଯୋଜକ ବିକ୍ରମ କେଶରୀ ମହାନ୍ତି,ଜିଲା ଏସଆର ପି ସଂଯୋଜକ ସୁଶାନ୍ତ କୁମାର ନାୟକ,ରଂଜନ କୁମାର ସାହୁ,ବଟକୃଷ୍ଣ ମଲ୍ଲିକ,ପ୍ରଫୁଲ୍ଲ ଜେନା,ସୌରଭ ଜେନା,ଶୁଭମ ଦାସ,ଅରନ୍ଧତୀ ସାହୁ,ପ୍ରତିମା ସାହୁ,ମିନତୀ ବିଶ୍ୱାଳ ଓ ମାନସୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ଆବାହକ ବାର୍ଷିକ ବିବରଣୀ ପାଠ ପ୍ରସଙ୍ଗରେ ଭଗବାନ ଶ୍ରୀ ସତ୍ୟସାଇ,ଧର୍ମ,ଶାନ୍ତି, ଓ ପ୍ରେମ ମାଧ୍ୟମରେ ମନେବରୁ କିପରି ମାଧବ ରୂପେ ପରିବର୍ତନ ହେବା ଉପରେ ଆଲୋକପାତ କରିଥିଲେ । ପରେ ସାମାଜିକ ଦୂରତ୍ୱରକ୍ଷା କରି ସାମୂହିକ ଭଜନ ଗାନ କରାଯାଇଥିଲା ।

ପ୍ରଥମ ଥର ପାଇଁ ଓଡିଶାରେ ଏଚଆଇଭି ସିଫିଲିସ ଦ୍ୱୈତ ପରୀକ୍ଷଣ କିଟ ଲୋକାର୍ପିତ

ଭୁବନେଶ୍ୱର,୨।୧୨ (ନି.ପ୍ର): ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ରାଜ୍ୟରେ ଗର୍ଭବତୀ ମହିଳା ମାନଙ୍କର ଗୋଟିଏ ଥର ରକ୍ତ ନମୂନା ସଂଗ୍ରହରେ ଏଚ.ଆଇ.ଭି ଓ ସିଫିଲିସ ପରୀକ୍ଷା କରାଇବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ବିକଶିତ ଦ୍ୱୈତ ପରୀକ୍ଷଣ କିଟକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ଲୋକାର୍ପଣ କରିଛନ୍ତି । ବିଶ୍ୱ ଏଡସ୍ ଦିବସ ଅବସରରେ ଓସାକ୍ସ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ସମାରୋହକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ ଅନଲାଇନରେ ଉଦଘାଟନ କରି ଓସାକ୍ସର ଅର୍ଦ୍ଧବାର୍ଷିକ ନ୍ୟୁଜ ଲେଟରର ଉନ୍ମୋଚନ କରିଥିଲେ । ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ, ୨୦୧୦ ସୁଦ୍ଧା ୬ଲକ୍ଷ ଲୋକଙ୍କ ପରୀକ୍ଷା ହୋଇଥିଲାବେଳେ ୨୦୧୯ ରେ ଏହା ୧୪ ଲକ୍ଷରେ ପହଂଚିଛି । ଅଧିକ ସଂକ୍ରମଣ ପ୍ରବଣ ଗୋଷ୍ଠୀମାନଙ୍କ ମଧ୍ୟରେ ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ତଥା ବ୍ୟବହାରିକ ପରିବର୍ତନ ଫଳରେ ଏଚ.ଆଇ.ଭି. ର ବ୍ୟାପକତା ୨୦୧୦ ଠାରୁ ହ୍ରାସ ଘଟି ୦.୩୧ ପ୍ରତିଶତରୁ ୨୦୧୯ ରେ ଏହା ୦.୧୪ ପ୍ରତିଶତରେ ପହଂଚିଛି । ରାଜ୍ୟରେ ୨୩୨ଟି ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ର ରହିଛି ଯେଉଁଠାରେ ବିନା ମୂଲ୍ୟରେ ପରାମର୍ଶ ଓ ରକ୍ତ ପରୀକ୍ଷା ସୁବିଧା ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ ରାଜ୍ୟର ୫୩୧ଟି ନୂତନ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୬୩୦ଟି ହେଲ୍‌ଥ ୱେଲନେସ କେନ୍ଦ୍ରରେ ବିନା ମୂଲ୍ୟରେ ଏଚ.ଆଇ.ଭି. ପରୀକ୍ଷା ସୁବିଧା ଯୋଗାଇ ଦିଆଯାଉଛି । ସମସ୍ତ ଗ୍ରାମାଂଚଳ ଓ ସହରାଂଚଳ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ପୁଷ୍ଟିକର ଦିବସରେ ଗର୍ଭବତୀ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି । ଚଳିତ ବର୍ଷ ୩,୧୧,୨୯୫ ଜଣ ଗର୍ଭବତୀ ମହିଳାଙ୍କର ପରୀକ୍ଷଣ କରାଯାଇ ୨୨୮ ଜଣଙ୍କ ଏଚ.ଆଇ.ଭି ଭୂତାଣୁ ଚିହ୍ନଟ କରାଯାଇଛି । ରେଡକ୍ରସ ସୋସାଇଟି ସହାୟତାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ୬୪୦ ରେଡରିବନ କ୍ଲବ ଖୋଲାଯାଇ ଛାତ୍ରଛାତ୍ରୀମାନଙ୍କୁ ଏଚ.ଆଇ.ଭି / ଏଡସ ନିରାରକଣ ସଂପର୍କିତ ସଚେତନ କରାଯାଉଛି । ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଡ. ସଂଯୁକ୍ତ ସାହୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଥିଲେ ଚ

ସ୍ତନ୍ୟପାନ....

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ନଡାଷଡି ପଛେ ଗ୍ରାଳକଣାରେ ଘରଭିତରୁ ସୁର୍ଯ୍ୟ ଚନ୍ଦ୍ର ଦେଖା ଯାଉଛନ୍ତି, କିନ୍ତୁ ବୋହୂ ଉପରେ ଶାସନ କରିବା ଭୁଲୁନାହାନ୍ତି। ସେଠି ଖୁଂଟଟାପରି ଛିଡା ହୋଇ କ'ଣ ତାମସା ଦେଖୁଛ? ତୁମର ପ୍ୟାଂଟ୍‌ସାର୍ଟ ଭାଙ୍ଗି ଆଟାଚୀରେ ପୁରାଅ, କାଲିସକାଳେ ସହର ଯିବା।

ଖନି ବର୍ଷକ ପାଇଁ ଆସିଥିଲା। ସମୟ ସରି ଆସିଲାଣି। ରିଙ୍କିର ପୁଅ ବି ବାହାର ଖାଇବା ଧିରେଧିରେ ଆରମ୍ଭ କଲାଣି, କିନ୍ତୁ ଖନି ହାତରେ ଖାଉଛି। ଖନିକୁ ମାଆ ଭାବି ଆରେଇ ଗଲାଣି ଯେ, ଦଣ୍ଡେ ପାଖ ଛାଡୁନି। ରିଙ୍କିକୁ ଖନି ଏବେ ମହଙ୍ଗା ଲାଗୁଛି। ସେତେବେଳେ ଖନି ଘରକାମ ସାଙ୍ଗରେ ନିଜଠାରୁ ପୁଅକୁ କ୍ଷୀର ପିଆଏ ବୋଲି ମାସକୁ ଖିଆପିଆ ସବୁଖର୍ଚ୍ଚ ଛାଡି ଛହଜାରଟଙ୍କା ତୁଟିଥଲା। ଏବେ ପୁଅମୁହଁରେ କେତେବେଳେ କାଁଭାଁ କେମିତି ଦେଉଛି ସିନା କ୍ଷୀର ହେଉନି। ଦିନେସନ୍ଧ୍ୟାରେ ରିଙ୍କି ଖନିକୁ ଡାକି ଏବିଷୟରେ କଥାହେଲା। ଖନିର ବି ଉପାୟ ନାହିଁ। ଶେଷରେ ରିଙ୍କିକଥାରେ ରାଜି ହୋଇ ମାସକୁ ତିନିହଜାର ଟଙ୍କାରେ କାମକରିବାକୁ ମଙ୍ଗିଲା। ଗ୍ରରିମାସ ପରେ ରିଙ୍କି ଛାତିରେ ଅସହ୍ୟ ଯନ୍ତ୍ରଣା ହେବାରୁ ସୁଶାନ୍ତ ତୁରନ୍ତ ଗୋଟିଏ ଘରୋଇ ଡାକ୍ତରଖାନାକୁ ନେଲା। ଛୁଆକୁ ଖନି ତ ପ୍ରଥମରୁ ସମ୍ଭାଳୁଛି, କିଛି ଅସୁବିଧା ନାହିଁ। ଗତକାଲି ସୁଶାନ୍ତ ଓ ରିଙ୍କି କମ୍ପାନୀ ମାଲିକଙ୍କ ପାଖକୁ ଯାଇ ବିଗତବର୍ଷର ଫି ପାଂଚଲକ୍ଷ ଟଙ୍କା ନେଇକି ଆସିଥିଲେ ବୋଲି ଡାକ୍ତରଖାନାରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷାରେ ଲକ୍ଷଟଙ୍କା ପାଖାପାଖି ଖର୍ଚ୍ଚ କରିବାକୁ ହେଲା। ଘରକୁ ଖବର ଦେଇ କିଛି ଲାଭନାହିଁ। ସୁଶାନ୍ତ ଓ ରିଙ୍କି ସେହି ଘରୋଇ ଡାକ୍ତରଖାନାରେ ରହି ସବୁ ପରୀକ୍ଷା ରିପୋର୍ଟକୁ ଅପେକ୍ଷା କଲେ। ରିଙ୍କିର ଯନ୍ତ୍ରଣା ଆରମ୍ଭ ହେଲାବେଳେ ଗୋଟିଏଗୋଟିଏ ପେନ୍‌କିଲର୍ ଇଂଜେକ୍ସନ୍‌ଟିଏ ନେଲେ ଭଲ ଲାଗୁଥାଏ। ସନ୍ଧ୍ୟାରେ ସବୁ ରିପୋର୍ଟ ଆସିଲା। ଡାକ୍ତର ଉଭୟଙ୍କୁ ଡାକି କହିଲେ ରିଙ୍କିର ବ୍ରେଷ୍ଟ କ୍ୟାନସର୍। ଅପରେସନ୍ ଜଲଦି କରିବାକୁ ହେବ, ନଚେତ୍ କ୍ୟାନସର୍ ସେଲ୍ ଅଲଗା ଅଲଗା ଅଙ୍ଗକୁ ମାଡିଗଲେ ଜୀବନ ପ୍ରତି ବିପଦ ଅଛି। ଡାକ୍ତରବାବୁ ଥରେ ଦେଖିଲେ ଛୁଆଟି ମାଆ ଅପେକ୍ଷା ସେ ଗ୍ରକରାଣି ଖନିକୁ ବେଶି ଖୋଜୁଛି। ଥରେ କାନ୍ଦିଲାବେଳେ ଖନି ସେହି ଡାକ୍ତରଙ୍କସାମ୍ନାରେ ଘରକୋଣକୁ ଯାଇ ନିଜବ୍ଲାଉଜ୍ ବଟମ୍ ଖୋଲି ଛୁଆମୁହଁକୁ ଶାଢୀ ଭିତରେ ପୂରେଇ ନିଜ ଛାତିରେ ଜାବୁଡି ଧରିଲା। ଡାକ୍ତର ଏହା ଦେଖି ପଗ୍ଧରିବାରୁ ସୁଶାନ୍ତ ଓ ରିଙ୍କି ସବୁ କଥା ତାଙ୍କ ଆଗରେ କହିଲେ। ଡାକ୍ତରବାବୁ କହିଲେ ଛୁଆକୁ କ୍ଷୀର ନଖୋଇବାରୁ ରିଙ୍କିର ଏପରି ବ୍ରେଷ୍ଟ କ୍ୟାନସର୍ ରୋଗ ହେଲା। ପ୍ରକୃତୀମାଆର ନିର୍ଦ୍ଦେଶକୁ ଅବମାନନା କରିବାର ଫଳ ଏଇଆ। ଛୁଆଙ୍କୁ କ୍ଷୀରଖୋଇବା ସବୁ ମାଆଙ୍କର କର୍ତ୍ତବ୍ୟ। ସ୍ତନ୍ୟପାନ ମାତୃଧର୍ମ।

, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର, ତୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /bdpanda1@gmail.com

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୭ ଗିରଫ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧ଟି ମାମଲା ରୁଜୁ କରିଛି। ୭ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୬୨୪ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୫,୮୪,୦୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

'ନାବାର୍ଡ଼'ଓଡ଼ିଶା ମୁଖ୍ୟଙ୍କ ବିବିସିସି ବ୍ୟାଙ୍କ ପରିଦର୍ଶନ

ବାଲେଶ୍ୱର,୦୨।୧୨ (ନି.ପ୍ର): ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଏଣ୍ଡ ରୁରାଲ ଡେଭେଲୋପମେ ରରରର 'ନାବାର୍ଡ଼'ର ଓଡ଼ିଶା ରିଜିଓନ୍ ମୁଖ୍ୟ ପ୍ରବନ୍ଧକଙ୍କ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଦର୍ଶନ ଅବସରରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ(ବିବିସିସି) ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଡିଜିଏମ ଅଶ୍ୱିନୀ ନାୟକ ପୌରୋହିତ୍ୟ କରିଥିଲେ। ନାବାର୍ଡ଼ ସିଜିଏମ ସି ଉଦୟ ଭାସ୍କର ଏଥିରେ ଯୋଗଦେଇ ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର କାର୍ଯ୍ୟଧାରା ଓ ସଫଳତାକୁ ବେଶ୍ ପ୍ରଶଂସା କରିଥିଲେ। ଦୁଇ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏହି ସଂସ୍ଥାର କୃଷି ବିକାଶ ନୀତି ଆଞ୍ଚଳିକ ଆର୍ଥିକ ବିକାଶରେ ସହାୟକ ହୋଇ ପାରିଛି ବୋଲି ସେ କହିଥିଲେ। ତେବେ କୃଷି ସାଙ୍ଗକୁ ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରରେ ଦୀର୍ଘ ମିଆଦ ଋଣ ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସିଜିଏମ ଉଦୟ ଭାସ୍କର ପରାମର୍ଶ ଦେଇଥିଲେ। ନାବାର୍ଡ଼ ଓଡ଼ିଶା ରିଜିଓନ୍ ଏଜିଏମ ନୀଳ ଲୋହିତ ସାହୁ ଓ ବାଲେଶ୍ୱର ଶାଖା ଡିଡିଏମ ତାପସ ରଂଜନ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ନାବାର୍ଡ଼ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ଓ ଆର୍ଥିକ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଅବସରରେ ବୈଠକରେ ଉପସ୍ଥିତ ସମବାୟ ସମିତି ପରିଚାଳକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ନାବାର୍ଡ଼ ଅଧିକାରୀଙ୍କୁ ଅବଗତ କରିଥିଲେ। ଏନେଇ ଆଗାମୀ ଦିନରେ ଉଚିତ ପଦକ୍ଷେପ ନେବା ସମ୍ପର୍କରେ ନାବାର୍ଡ଼ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର-ଭଦ୍ରକ ଏଜିଏମ ହିମାଂଶୁ ଶେଖର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବାଲେଶ୍ୱରରେ ପହଞ୍ଚି ନାବାର୍ଡ଼ ଅଧିକାରୀମାନେ ପ୍ରଥମେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ତାଙ୍କ ନୀଳଗିରିସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ। ନାବାର୍ଡ଼ସହାୟତା କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ବେଳେ ବାଲେଶବର ଓ ମୟୂରଭଂ ଜିଲ୍ଲାର କୃଷି ଏବଂ ମତ୍ସ୍ୟଚାଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଖୁଲୁଡା ହାଇସ୍କୁଲରେ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର, ୨/୧୨ (ନିପ୍ର) : ଜଳେଶ୍ୱର ବ୍ଲକର ଖୁଲୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଛଲଗାଇ ଜୀବନ ବଂଚାୟ ଓ ପରିବେଶକୁ ରକ୍ଷା କରିବାଲାଗି ଶିକ୍ଷାଲାଭ ସହିତ ବୃକ୍ଷରୋପଣ କରିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ମତପ୍ରକାଶ ପାଇଛି । ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଏକ ସଭାର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା ଏଥିରେ ପୌରହିତ୍ୟ କରିଥିବା ବେଳେ ସଂଜୟ କୁମାର ପାକଳ, କମଳ ଲୋଚନ ରଣା, ଅଂଜନ କୁମାର ପ୍ରଧାନ, କମଳାକାନ୍ତ ସାମଲ, ଅମର ମହାନ୍ତି, ସଂଜିବ ଗିରି, ନରହରି ଗୁରୁଜୀ, ତ୍ରିଲୋଚନ ବେହେରାଙ୍କ ସହିତ ମେଆଇହେଲ୍ଥୟୁର ପ୍ରତିଷ୍ଠାତା ଜଗନ୍ନାଥ ପରିଡା ଏଭଳି କାର୍ଯ୍ୟକ୍ରମକୁଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ ଜେନା, ସନ୍ଦିପ ମହାନ୍ତି, ଜୟଦେବ ସାମଲ, ରମେଶ ଜେନା, ବ୍ରଜକିଶୋର ଗିରି, ସୂଜୟର୍ଯ୍ୟକୁମାର ସାହୁ, ଚନ୍ଦନ କାମିଲା, ଶୁଭାଶିଷ ହୁଇ, ରାକେଶ ଜେନା, ବେବିରାଣୀ ପରିଡା, ସୀମାରାଣୀ ହୁଇ ଓ କାଂଚନ ବାଳା ଜେନା ଙ୍କ ସହତି ବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ସରପଂଚ ପାର୍ବତୀ ବାସ୍କେ ଏହାକୁ ପ୍ରଶଂସା କରିଛନ୍ତି ।

ଇଫକୋ ପକ୍ଷରୁ ଜାତୀୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ଦିବସ ପାଳିତ

ପାରାଦୀପ ୦୨।୧୨ (ନି.ପ୍ର): ପାରାଦୀପସ୍ଥିତ ରାଷ୍ଟ୍ରାୟତ ଉଦ୍ୟୋଗ ଇଫକୋ ସାରକାରଖାନା ପକ୍ଷରୁ ବୁଧବାର ଦିନ ଜାତୀୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି । ଇଫକୋ ପାରାଦୀପ ୟୁନିଟ୍‌ର ନିର୍ବାହୀ ନର୍ଦ୍ଦେଶକ କେ.ଜେ.ପଟେଲ ଏହି ଉଦ୍‌ଘାଟନ କରିଥିଲେ । ୟୁନିଟ୍ ର ସମସ୍ତ ବିଭାଗୀୟ ମୁଖ୍ୟ, ଅଧିକାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ଏହି ଅବସରରେ ୟୁନିଟ୍ ପକ୍ଷରୁ ବକୃତା ଓ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଦ୍ୟୁଷଣ ନିୟନ୍ତ୍ରଣ ଓ ଯଦି ଆମୋନିଆ ଗ୍ୟାସ ନିର୍ଗତ ହୁଏ କିପରି ସୁରକ୍ଷିତ ରହି ହେବ ଶୀର୍ଷକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ପଟେଲ ପ୍ରଦ୍ୟୁଷଣ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବାକୁ ନିବେଦନ କରିଥିଲେ । ଇଫକୋ ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ(ପରିବେଶ ଓ ସୁରକ୍ଷା) ଜେ.ପି.ଶ୍ରୀବାସ୍ତବ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ପ୍ରଦାନ କରିଥିବା ଇଫକୋ ର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

ଭିଡିଓ କନଫରେନସିଂ ଜରିଆରେ ଅଭିଯୋଗ ଶୁଣାଣି କାର୍ଯ୍ୟ ଆରମ୍ଭ କଲେ ସାଂସଦ

ବାରିପଦା ଟାଉନ, ୦୨।୧୨ (ନି.ପ୍ର): ସାଧାରଣ ଲୋକମାନଙ୍କର ଅଭିଯୋଗ ଜଣାଇବାକୁ ଆଉ ମୟୁରଭ ସାଂସଦଙ୍କ କାର୍ଯ୍ୟାଳୟ କିମ୍ବା ବାସସ୍ଥାନକୁ ଆସିବାକୁ ପଡ଼ିବ ନାହିଁ। ମୟୁରଭ ସାଂସଦ ଇଂ ବିଶେଶ୍ୱର ଟୁଡୁ ଭିଡିଓ କନ୍ଫରେନସିଂ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣିବେ। ଜିଲ୍ଲାରେ ଥିବା ଚାରୋଟି ଉପଖଣ୍ଡରୁ ଏବେ ଭିଡିଓ କନ୍ଫରେନସିଂ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ଆଲୋଚନା ମଧ୍ୟ କରିବେ। ପ୍ରଥମ କରି ମୟୂରଭ ସାଂସଦ ଇଂ ବିଶେଶ୍ୱର ଟୁଡୁଙ୍କ ଦ୍ୱାରା ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ସାଂସଦଙ୍କ କାର୍ଯ୍ୟାଳୟରେ ଶୁଭ ଉଦଘାଟନ ହୋଇଯାଇଛି। ଏବେ ଏହା ଚାରିଟି ଉପଖଣ୍ଡରେ ଉପଲବ୍ଧ ହେଉଥିବା ବେଳେ ଆଗାମୀ ଦିନରେ ଏହି ଶୁଣାଣି କାର୍ଯ୍ୟକ୍ରମ ଜିଲାର ପ୍ରତ୍ୟେକ ବ୍ଲକକୁ ସଂପ୍ରସାରିତ ହେବ ବୋଲି ସାଂସଦ ଶ୍ରୀ ଟୁଡୁ କହିଛନ୍ତି। ତେବେ ଅନଲାଇନରେ ଭିଡିଓ କନ୍ଫରେନସିଂ ମାଧ୍ୟମରେ ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ରହି ଏହାର ବ୍ୟବହାର କରି ସାଂସଦଙ୍କ ନିକଟରେ ଲୋକେ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ସାଂସଦ ଇଂ ବିଶେଶ୍ୱର ଟୁଡୁଙ୍କ ସହ ସାଂସଦଙ୍କ ବିଭାଗୀୟ ପ୍ରତିନିଧି ହେମନ୍ତ ସାହା ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଜିଲ୍ଲାର ଚାରି ଉପଖଣ୍ଡର କର୍ମକର୍ତ୍ତା ଜନସାଧାରଣ ଅନଲାଇନରେ ଭିଡିଓ କନ୍ଫରେନସିଂ ଜରିଆରେ ଉପସ୍ଥିତ ରହି ସେମାନଙ୍କର ନିଜ ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଆଗାମୀ ଦିନରେ ଲୋକଙ୍କ ସହ ଯୋଡ଼ିବା ସହିତ ପ୍ରତିଦିନ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ଯୋଜନା ରଖିଛନ୍ତି ସାଂସଦ ଶ୍ରୀ ଟୁଡୁ କହିଛନ୍ତି। କୌଣସି ସାଂସଦଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆଗରୁ ହୋଇ ନଥିବା ବେଳେ ଏହା ମୟୂରଭ ଜିଲ୍ଲାରେ ପ୍ରଥମ କରି ଆରମ୍ଭ ହୋଇଥିବାର ସାଂସଦ କହିଛନ୍ତି।

'ଭଏସ ଅଫ୍ ବାଲେଶ୍ୱର'ପକ୍ଷରୁ ଗୋପାଳଗାଁ ରାସ୍ତା ନବୀକରଣ ଦାବି

ବାଲେଶ୍ୱର,୨।୧୨(ନି.ପ୍ର): ବାଲେଶ୍ୱରବାସୀଙ୍କର ସୁଖଦୁଃଖର ସାଥୀ ହେବା ଓ ସାମୂହିକ ସମସ୍ୟା ସମଧାନ ଆଭିମୁଖ୍ୟ ନେଇ ନିକଟ ଅତୀତରେ ଗଠିତ ହୋଇଥିବା ସ୍ୱେଚ୍ଛାସେବୀ ସଂଗଠନ 'ଭଏସ ଅଫ୍ ବାଲେଶ୍ୱର' ଏବେ କ୍ରିୟାଶୀଳ ହୋଇଛି। ସହରର ମରଣଯନ୍ତା ପାଲଟି ଥିବା ଗୋପାଳଗାଁ ରାସ୍ତାର ନବୀକରଣ ଦାବିରେ ସଂଗଠନର କର୍ମକର୍ତ୍ତାମାନେ ଆଜି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଜନସାଧାରଣଙ୍କ ବାରମ୍ବାର ଦାବି ପରେ ବି ସହରର ଗୋପାଳଗାଁ ପ୍ରବେଶ ପଥ ଖାଦିମ୍ ସୋ'ରୁମ୍‌ଠାରୁ ଟାଉନହଲ ପର୍ଯ୍ୟନ୍ତ ରାସ୍ତାର ନବୀକରଣ କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ସବୁଠାରୁ ବଡ଼କଥା ହେଲା ଏହି ରାସ୍ତା ନବୀକରଣ ପାଇଁ ସରକାରଙ୍କ ପକ୍ଷରୁ ୧୯ ଲକ୍ଷ ୭୦ ହଜାର ଟଙ୍କାର ଅନୁଦାନ ମଂଜୁର ହୋଇ ଟେଣ୍ଡର ଶେଷ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନା ପାଇଁ ଠିକାଦାର ଦେବାଶିଷ ସେଠୀଙ୍କୁ କାର୍ଯ୍ୟାଦେଶ ମିଳିଥିଲେ ବି ଅଦ୍ୟାବଧି କାର୍ଯ୍ୟାରମ୍ଭ ହେଉ ନଥିବା ସଂଗଠନର ସଭାପତି ଅରଜିତ୍ ଘୋଷଲ ଆପତ୍ତି ଉଠାଇଛନ୍ତି। ତେବେ ଆସନ୍ତା ୭ ଦିନ ମଧ୍ୟରେ ଏହି ରାସ୍ତାର କାର୍ଯ୍ୟାରମ୍ଭ କରା ନ ଗେଲ ଭଏସ ଅଫ୍ ବାଲେଶ୍ୱର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ବାଲେଶ୍ୱର ଉପଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ଘୋଷାଲଙ୍କ ସମେତ ଆଶିଷ ସାହା, ସୌଭାଗ୍ୟ ମାନସ ନାୟକ, ଅଭିଷେକ ବେହେରା, ସୌମ୍ୟପ୍ରତାପ ପାଣିଗ୍ରାହୀ, ଗୌତମ ସେଠୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଲିଙ୍ଗରାଜ ମନ୍ଦିର ...

ପ୍ରକାଶ କରିବା ସହିତ ଅଧିକ ପର୍ଯ୍ୟଟକଙ୍କୁ ସେଠାକୁ ଆକର୍ଷିତ କରିବାରେ ଏହି ଯୋଜନା ଏକ ସଫଳ ଉଦ୍ୟମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ପୂର୍ତ୍ତ ସଚିବ କିଷନ କୁମାର, ବି.ଏମ୍.ସି କମିଶନର ପ୍ରେମଚାନ୍ଦ ଚୌଧୁରୀ ଏବଂ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ଐତିହ୍ୟ ନଗରୀ ଭୁବନେଶ୍ୱରର ଗରିମାକୁ ଆହୁରି ବୃଦ୍ଧି କରିବା ସହିତ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ବିକଶିତ କରିବା ଏବଂ ଭକ୍ତ ଓ ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଅନନ୍ୟ ଆଧ୍ୟାତ୍ମିକ ଅନୁଭବ ପ୍ରଦାନ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ।

ଦିଲ୍ଲୀ ଚାଷୀ...

ଦିଲ୍ଲୀରେ ଯେଉଁ ଆନ୍ଦୋଳନ ଚାଲିଛି, ଓଡ଼ିଶାର କୃଷକ ସମାଜ ତାକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଛି ଓ ପ୍ରତିକାତ୍ମକ ଭାବେ ରାଜଧାନୀରେ ଓ ତମାମ ରାଜ୍ୟରେ କାର୍ଯ୍ୟକ୍ରମ ଜାରି ରହିବ। ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ବିଜେପି ନେତୃତ୍ୱକୁ ସମାଲୋଚନା କରି କହିଥିଲେ ଯେ, ଚାଷୀମାନେ ଭ୍ରମରେ ପଡୁଛନ୍ତି, ଚାଷୀମାନଙ୍କୁ ଭ୍ରମିତ କରାଯାଉଛି ବୋଲି ଯେଉଁ ପ୍ରଚାର ଚାଲିଛି ପ୍ରକୃତରେ ଚାଷୀମାନେ ରାଜନୈତିକ ନେତାଙ୍କ ମିଥ୍ୟା ପ୍ରଚାରକୁ ପ୍ରତିହତ କରି ଚାଷୀକୁଳକୁ ବଂଚାଇବା ପାଇଁ ଦିଲ୍ଲୀରୁ ପଲ୍ଲୀଯାଏ ଆନ୍ଦୋଳନ କରୁଛନ୍ତି। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ନେତ୍ରୀ ମଧୁମିତା ସାମଲ, ଯାଜପୁର ଜିଲ୍ଲା ସଂଯୋଜକ ଦୁର୍ଗାପ୍ରସାଦ ଦାସ, ବିଶିଷ୍ଟ ଗାନ୍ଧୀବାଦୀ କର୍ମୀ ରାଜନାରାୟଣ ଜେନା, ରାଜ୍ୟ କମିଟି ସଭ୍ୟ ସଂଗ୍ରାମ କିଶୋର, ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

୨୦୨୨ ସୁଦ୍ଧା ଅଶୋଧିତ ...

ଅପରପକ୍ଷରେ ଉର୍ଜା କ୍ଷେତ୍ର ତଥା ବିକଳ୍ପ ଇନ୍ଧନ ପ୍ରସ୍ତୁତ ଦିଗରେ ଆମର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ୨୦୪୦ ସୁଦ୍ଧା ଭାରତର ତୈଳ ଚହିଦା ଦୁଇଗୁଣିତ ହେବ ଏବଂ ଗ୍ୟାସ ଚାହିଦା ତିନିଗୁଣା ବୃଦ୍ଧିପାଇବ । ଅର୍ଥନୀତି ଅଭିବୃଦ୍ଧି କରିବା ଓ ଉର୍ଜା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆମେ ଆମର ବିଶୋଧନାଗାର କ୍ଷମତା ୨୫୦ ଏମଏମଟିପିଏରୁ ୪୫୦ ଏମଏମଟିପିଏ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଉଛି । ଏହା ଭାରତକୁ ପେଟ୍ରୋଲିୟମ ସାମଗ୍ରୀ ଯୋଗାଣରେ ଭାରତକୁ ଆତ୍ମନିର୍ଭର କରିବାରେ ସହାୟକ ହେବ ।

ଗୁରୁବାର, ୦୩ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜାତୀୟ ସେବା ଯୋଜନା ଦ୍ୱାରା ଚରମ୍ପା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

ଭଦ୍ରକ,୦୨।୧୨ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା 'ବିଶ୍ୱ ଏଡ୍‌ସ ଦିବସ' ପାଳିତ ହୋଇ ଯାଇଛି। କରୋନା ଯୋଗୁ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟକୁ ଆସି ପାରୁ ନଥିବାରୁ ଅନ୍ ଲାଇନ ଯୋଗେ ସେମାନଙ୍କୁ ମହାବିଦ୍ୟାଳୟର ଅଧକ୍ଷ ବ୍ରଜ କିଶୋର ବଳ ଉଦ୍‌ବୋଧନ ଦେଇଥିଲେ। ପ୍ରୋଗ୍ରାମ୍ ଅଫିସର ତଥା ଇତିହାସ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ଉତ୍ପଳା ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ତଥା ପ୍ରୋଗ୍ରାମ ଅଫିସର ଡ. ରମେଶ ଚନ୍ଦ୍ର ଦାସ, ରାଜନୀତି ବିଜ୍ଞାନ ଅଧାପକ ମନୋଜ କୁମାର ମହାଳିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ନାୟକ ଏଡ୍‌ସ ରୋଗର ସୃଷ୍ଟି, ଏଥିରୁ କିପରି ମୁକ୍ତି ମିଳି ପାରିବ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅନ୍ ଲାଇନ୍ ଯୋଗେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ପ୍ରୋଗ୍ରାମ ଅଫିସର ଡ. ଦାସ ଏହି ରୋଗରେ ପୀଡିତ ବ୍ୟକ୍ତିମାନଙ୍କୁ ଅବହେଳା ନକରି ତାଙ୍କର ଚିକିତ୍ସା କରାଇବା ଉଚିତ ବୋଲି ମତ ରଖିଥିଲେ। ସେହିଭଳି ପ୍ରୋଗ୍ରାମ ଅଫିସର ଶ୍ରୀଯୁକ୍ତ ମହାଳିକ ଏଡ୍‌ସ ରୋଗର ଭୟାବହତା ସମ୍ପର୍କରେ କହିଥିଲେ। ଅଧକ୍ଷ ଶ୍ରୀଯୁକ୍ତ ବଳ ଏହି ରୋଗ ହେବାର ମୁଖ୍ୟ କାରଣ ଯୌନ ଅସଂଯମତା ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗ ଅଧାପିକା ଡ. ସୁକାନ୍ତି ମହାପାତ୍ର ତାଙ୍କ ବକ୍ତବ୍ୟରେ ଏଡ୍‌ସ ରୋଗର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ନିରାକରଣ ସମ୍ପର୍କରେ

ଅଭିଭାଷଣ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗ ଅଧାପକ ସୁବ୍ରତ କୁମାର ଦାସ ବିଶ୍ୱ ଏଡ୍‌ସ ଦିବସ ପାଳନର ତାତ୍ପର୍ଯ୍ୟ ଓ ଏ ସମ୍ପର୍କରେ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ।

ସଂଗ୍ରାମ କରି ବଞ୍ଚି ରହିବାର ରଣ କୌଶଳ ମୋତେ ଶିଖାଇଛି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ : ବିଜୟ କୁମାର ଦାଶ

ଉଦଳା-୦୨/୧୨(ନି.ପ୍ର)- ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବରିଷ୍ଠ କିରାଣୀ ବିଜୟ କୁମାର ଦାଶ ତାଙ୍କ ଚାକିରି ଜୀବନରୁ ଚଳିତ ଡ଼ିସେମ୍ବର ୧ ତାରିଖ ମଙ୍ଗଳବାର ଦିନ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୈଧୁରୀଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସଭା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହାବିଦ୍ୟାଳୟର କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ଷେତ୍ରରେ ବିଜୟ ଭାଇ କିପରି ସହଯୋଗୀ ଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରି ବକ୍ତବ୍ୟ ପ୍ରଦାନ

କରିଥିଲେ। ଶେଷରେ ନିଜେ ଅବସର ଗ୍ରହଣ କରୁଥିବା ଶ୍ରୀଯୁକ୍ତ ଦାଶ ତାଙ୍କ ଚାକିରୀ ଜୀବନ କିପରି ଏହି ମହାବିଦ୍ୟାଳୟରୁ ଆରମ୍ଭ କରି ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଦିର୍ଘ ୩୫ ବର୍ଷର ଅନୁଭୂତି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସେ ତାଙ୍କ ବକ୍ତବ୍ୟ ପ୍ରଦାନ ସମୟରେ ଖୁବ୍ ଭାବ ବିହ୍ୱଳ ହୋଇ 'ସଂଗ୍ରାମ କରି ବଞ୍ଚି ରହିବାର ରଣ କୌଶଳ ମୋତେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଶିଖାଇଛି' ବୋଲି କହିଥିଲେ । ବାସ୍ତବରେ ଏହାଥିଲା ଖୁବ୍ ହୃଦୟ ସ୍ପର୍ଶୀ । ପରେ ପରେ ଅଧକ୍ଷା ଶ୍ରୀମତୀ ଚୌଧୁରୀ ମାନପତ୍ର, ପୁସପଗୁଚ୍ଛ, ଉତ୍ତରୀୟ ଓ ଉପଢ଼େକନ ପ୍ରଦାନ ପୁର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

୧୦ ଲିଟର ଚୋରା ମଦ ଜବତ : ବେପାରୀ ଗିରଫ

ଡେଲାଙ୍ଗ,୦୨।୧୨ (ନି.ପ୍ର): ଡେଲାଙ୍ଗ ଥାନା ପୋଲିସ ଜେନାପୁର ପଟ୍ଟାୟତ ମାହାରୀ ପୋଖରୀ ଗ୍ରାମର ବିଜୟ ବେହେରା(୧୯)ଙ୍କ ଘରୁ ୧୦ ଲିଟର,ଦେଶୀ,ବିଦେଶୀ ବ୍ରାଣ୍ଡର ମଦ ଜବତତ କରିବା ସହ ବେଆଇନ ଭାବେ ମହଜୁଦ ରଖିବା ଅଭିଯୋଗରେ ଗିରଫ କରି ପିପିଲ ଅଦାଲତରେ ହାଜର କରାଯାଇଥିବା ସୂଚନା ମିଳିଛି ।

କଳିଙ୍ଗ ପୁସ୍ତକ ମେଳା ସମ୍ମାନ ପାଇବେ ଡଃ ଅସୀମା ସାହୁ

ବାରିପଦା, ୦୨।୧୨ (ନି.ପ୍ର): ଶ୍ରୀ ରାମ ଚନ୍ଦ୍ର ଭ ଡିଗ୍ରୀ ମହାବିଦୟାଳୟ ର ଅଧ୍ୟକ୍ଷା ତଥା କବୟତ୍ରୀ ଓ ସ୍ତମ୍ଭକାର ଡଃ ଅସୀମା ସାହୁଙ୍କ ପ୍ରକାଶିତ କବିତା ସଂକଳନ 'ଇସାରାରେ ଡାକେ କିଏ ଦିଗବଳୟ ସେପାରିରୁ' କଳିଙ୍ଗ ପୁସ୍ତକ ମେଳା ପୁରସ୍କାର-୨୦୨୦ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାର ଜଣାଯାଇଛି। ସାରା ରାଜ୍ୟରେ ୯ଟି ବିଭାଗର ୧୧ ଟି ପୁସ୍ତକ ମନୋନୀତ ହୋଇଥିବା ଅନୁଷ୍ଠାନର ସଭାପତି ଗୀତା ହୋତା ଓ ସମ୍ପାଦିକା ରେଣୁକା

ମିଶ୍ର ଏକ ପ୍ରେସ ବିବୃତିରେ ଘୋଷଣା କରିଛନ୍ତି। ଡିସେମ୍ବର ୮ ତାରିଖରେ ଭୁବନେଶ୍ୱର ୨୩ ତମ କଳିଙ୍ଗ ପୁସ୍ତକ ମେଳାର ଉଦଯାପନୀ ସମାରୋହରେ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାଯାଇଛି । ଡଃ ସାହୁଙ୍କର ଏହି ପୁସ୍ତକଟି ପୂର୍ବରୁ ବିଶିଷ୍ଟ ସମାଜସେବୀ ନମ୍ରତା ଚଢାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ଫୁକାରେ କୋଇ ଖିତିଜକେ ପାରସେ ନାମରେ ଆମେରିକାର ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା ବ୍ଲାକ ଇଗଲ ଦ୍ୱାରା ପ୍ରକାଶିତ ହୋଇ ଦେଶ ବିଦେଶରେ ପାଠକୀୟ ସ୍ୱୀକୃତି ଲାଭ କରିଥିବାର ଜଣାଯାଇଛି । ପୁରସ୍କାର ଘୋଷଣା ପରେ ଡଃ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

ତାମିଲନାଡୁରେ ଗତ ୨୪ ଘଂଟାରେ ୧,୪୨୮ କରୋନାର ନୂଆ ମାମଲା

ଚେନ୍ନାଇ, ୦୨ ଡିସେମ୍ବର (ହି.ସ.)। ତାମିଲନାଡୁରେ ଗତ ୨୪ ଘଂଟାରେ ୧,୪୨୮ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୮୪,୭୪୭ ହୋଇଛି ।

ମା' ମହାଲକ୍ଷ୍ମୀଙ୍କ ଐତିହାସିକ ଯାତ୍ରାପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଣୁପୁର ୦୨।୧୨ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ପାଇକସାହିରେ ବିଜୁପଟ୍ଟନାୟକ ଯୁବକ ସଂଘ ଆନୁକୂଲ୍ୟରେ ଦୀର୍ଘ ବର୍ଷ ହେବ ମାର୍ଗଶୀର ମାସରେ ମା ମହାଲକ୍ଷ୍ମୀଙ୍କ ଯାତ୍ରା ପାଳନ କରାଯାଉଛି । ଚଳିତ ବର୍ଷ ମଧ୍ୟ ଶ୍ରୀ ପୂର୍ଣଚନ୍ଦ୍ର ଗୌଡଙ୍କ ନେତୃତ୍ୱରେ ଆଜି ଚଳିତ ବର୍ଷର ମହାଲକ୍ଷ୍ମୀଙ୍କ ଯାତ୍ରା ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ କୋଭିଡି ନିୟମ ଅନୁସାରେ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ପୂଜକ ଶ୍ରୀ ଜଗବନ୍ଧୁ ପଣ୍ଡା ଓ ତାଙ୍କର ସହଯୋଗୀ ପୂଜକ ମାନଙ୍କ ଦ୍ୱାରା ପୂଜାଅର୍ଚନା କରାଯାଇଥିଲା। ଅରକ୍ଷିତ ମାର୍ଥା ସଙ୍କଳ୍ପ କରିଥିଲେ। ପ୍ରକାଶ ଥାଉକି ଚଳିତ ବର୍ଷ

ମହାମାରୀ କରୋନା ପାଇଁ ନିରାଡମ୍ବର ଭାବେ ଓ ସରକାରଙ୍କ କୋଭିଡି ନିୟମ ପ୍ରକାରେ ବିଧିମୁତଙ୍କକ ପୂଜା କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ପୂର୍ଣଚନ୍ଦ୍ର ଗୌଡ ପ୍ରକାଶ କରିବାସହ କରୋନା ଆମର ସମସ୍ତ ଆନନ୍ଦ ଉଲ୍ଲାସରେ ଭଙ୍ଗା ପକାଇ ଦେଇଥିବାରୁ ଆମେ ସମସ୍ତେ ମିଶି କରୋନାକୁ ହଟାଇବା ପାଇଁ ମାଙ୍କ ନିକଟରେ ତାଙ୍କ ପୂଜାରେ ପ୍ରାର୍ଥନା କରିବାକୁ ଶ୍ରୀ ଗୌଡ ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

ଇଣ୍ଡିଆନ ଅୟଲ ତରଫରୁ ସର୍ବୋତ୍ତମ ଏକ୍ସପି-୧୦୦ ପେଟ୍ରୋଲ ଲୋକାର୍ପିତ

ପାରାଦୀପ , ୦୨।୧୨ (ନି.ପ୍ର): ଦେଶରେ ତୈଳ ବିକ୍ରୟ କ୍ଷେତ୍ରରେ ଭାରତୀୟ ତୈଳ ନିଗମ(ଇଣ୍ଡିଆନ୍ ଅୟଲ କର୍ପୋରେସନ, ଆଇଓସିଏଲ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ମାନ୍ୟବର କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନ ଏକ୍ସପି-୧୦୦ ପ୍ରିମିୟମ ଗ୍ରେଡ୍ ପେଟ୍ରୋଲ୍ ର ଲୋକାର୍ପଣ କରିଛନ୍ତି । ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ କହିଥିଲେ ସମଗ୍ର ବିଶ୍ୱରେ ତୈଳ ବିକ୍ରିରେ ଅନ୍ୟ ପ୍ରଗତିଶୀଳ ରାଷ୍ଟ୍ରଙ୍କ ସହ ସମତାଳରେ ଗତି କରୁଛି ଭାରତ। ଏହି ଏକ୍ସପି-୧୦୦ ଗ୍ରେଡ୍ ତୈଳ ଉନ୍ନତମାନର ତୈଳ, ଉନ୍ନତମାନର ବୈଷୟିକ ଜ୍ଞାନ କୌଶଳରେ ଆତ୍ମନିର୍ଭର ଭାରତ ଯୋଜନାରେ ପ୍ରସ୍ତୁତ ହୋଇଛି । ଏହି ଅବସରରେ ଅନ୍‌ଲାଇନ୍ ମାଧ୍ୟମରେ ବିଭାଗିୟ ସଚୀବ ତରୁଣ କାପୁର, ଅଧକ୍ଷ ଶ୍ରୀକାନ୍ତ ମାଧବ ବୈଦ, ନିର୍ଦ୍ଦେଶକ ଏସଏସଭି ରାମକୁମାର, ଗୁରମିତ ସିଂହ ଯୋଗ ଦେଇଥିଲେ। ସମଗ୍ର ଦେଶରେ ବିଶ୍ୱସ୍ତରୀୟ ଏକ୍ସପି-୧୦୦ ଶ୍ରେଷ୍ଠ ଗ୍ରେଡ୍ ର ପେଟ୍ରୋଲ ପ୍ରସ୍ତୁତିରେ ଇଣ୍ଡିଆନ ଅୟଲ ପ୍ରଥମ । ଏହି ପେଟ୍ରୋଲ ଉନ୍ନତମାନର ଗତି, ସୁରକ୍ଷିତ ଇଂଜିନ୍, ଅଧିକ ମାଇଲେଜ୍ ପ୍ରଦାନ କରିବ ବୋଲି ଆଇଓସିଏଲର କର୍ପୋରେଟ୍ କମ୍ୟୁନିକେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁବୋଧ ଡାକୱାଲା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।

ଘରୋଇ ସ୍କୁଲ୍ ଫି' ଛାଡ ପାଇଁ ପଲିସି ନାହିଁ

ଭୁବନେଶ୍ୱର, ୦୨।୧୨ (ନି.ପ୍ର): ଘରୋଇ ସ୍କୁଲ୍ ଫି' ଛାଡ଼ ମାମଲାରେ ହସ୍ତକ୍ଷେପ କରିହେବ ନାହିଁ ବୋଲି ଜଣାଇଛନ୍ତି ରାଜ୍ୟ ସରକାର। ଏହି ମାମଲାରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ରାଜ୍ୟ ସରକାର କହିଛନ୍ତି ସ୍କୁଲ ଫି' ଉପରେ କୌଣସି କର୍ତ୍ତୃତ୍ୱ ନାହିଁ ଏବଂ ଏଥିପାଇଁ ଆମର ପଲିସି ନାହିଁ ବୋଲି ସରକାର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଏହି ମାମଲାର ପରବର୍ତୀ ଶୁଣାଣି ଆସନ୍ତା ସୋମବାର ଧାର୍ଯ୍ୟ କରାଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ଘରୋଇ ସ୍କୁଲ ଗୁଡିକର ଫି' ବୃଦ୍ଧି ପ୍ରସଙ୍ଗରେ ସରକାରଙ୍କ କଣ ନିୟନ୍ତ୍ରଣ ରହିଛି ସେ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ। ଫି ବୃଦ୍ଧି ପ୍ରସଙ୍ଗରେ ନିଜ ଆଡୁ ଅଦାଲତ ନିଷ୍ପତି ନିଅନ୍ତୁ ବୋଲି ସରକାର ପୂର୍ବରୁ ଯୁକ୍ତି ବାଢ଼ିଥିଲେ।

ଆୟୁଷ ଡ଼ାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ଭୁବନେଶ୍ୱର, ୦୨।୧୨ (ନି.ପ୍ର): କୋଭିଡ଼ ମୁକାବିଲା ପାଇଁ ରାଜ୍ୟ ସରକାର ଗତ ମେ'ରୁ ଜୁଲାଇ ମାସ ଭିତରେ ୨୬୭ଜଣ ଆୟୁଷ ଡ଼ାକ୍ତରମାନଙ୍କୁ କୋଭିଡ଼ କେୟାର ସେଂଟର ଏବଂ କୋଭିଡ଼ ହସ୍ପିଟାଲ ମାନଙ୍କରେ ନିଯୁକ୍ତି ଦେଇଥିଲେ। କିନ୍ତୁ ବର୍ତମାନ ସରକାର ସେମାନଙ୍କୁ କରୋନା ଯୋଦ୍ଧା ଭାବରେ ସମ୍ମାନ ଏବଂ ମର୍ଯ୍ୟାଦା ଦେବା ପରିବର୍ତେ ସେମାନଙ୍କୁ ନିଲମ୍ବନ କରିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସମ୍ମିଳନୀରେ ଏହି ନିଷ୍ପତିକୁ ଦୃଢ ବିରୋଧ କରିଛନ୍ତି ଆୟୁଷ ଡ଼ାକ୍ତର। ରାଜ୍ୟର ୨୦ଟି ଜିଲ୍ଲାରୁ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। କରୋନା ସମୟରେ ଯୋଦ୍ଧା ଭାବରେ ନିଯୁକ୍ତି ପାଇଥିବା ସମସ୍ତ ଆୟୁଷ ଡ଼ାକ୍ତରମାନଙ୍କର ସ୍ଥାୟୀ ନିଯୁକ୍ତି, ସେମାନଙ୍କ ପାଇଁ ଖାଲିଥିବା ସ୍ଥାନରେ ଆୟୁଷ ଡ଼ାକ୍ତର ନିଯୁକ୍ତି ବେଳେ ବୟସସୀମା କୋହଳ କରିବା ଏବଂ କୋଭିଡ଼ ଯୁଦ୍ଧରେ ପ୍ରାଣ ହରାଇଥିବା ଡ଼ାକ୍ତରମାନଙ୍କୁ ୫୦ଲକ୍ଷ ଟଙ୍କା ତୁରନ୍ତ ପ୍ରଦାନ ଇତ୍ୟାଦି ଦାବୀରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମ୍ମିଳନୀରେ ସର୍ବସମ୍ମତି ନିଷ୍ପତି ପାରିତ ହୋଇଥିଲା। ଏହି ସମ୍ମିଳନୀରେ ଡ. ପାର୍ଥସାରଥୀ ପଣ୍ଡା ସଭାପତିତ୍ୱ କରିଥିବା ବେଳେ କଂଗ୍ରେସ ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ, ଶ୍ରୀ ବିଜୟ ପ୍ରଧାନ, ନିରଦ ବରଣ ଖୁଣ୍ଟିଆଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗ ଦେଇ ଆୟୁଷ ଡ଼ାକ୍ତରମାନଙ୍କ ଦାବୀକୁ ସମର୍ଥନ ଜଣାଇଥିଲେ।

ତାରେଣୀ ମାର୍କେଟର ପୁରାତନ ବ୍ୟବସାୟୀଙ୍କ ପରଲୋକ

ପାରାଦୀପ ତା୦୨/୧୨ ପାରାଦୀପ ମଧୁବନସ୍ଥିତ ତାରେଣୀ ମାର୍କେଟରେ ଓମ୍‌ଫେଡ୍ ବିକ୍ରୟ କରୁଥିବା ମନମୋହନ ବେହେରାଙ୍କ ୬୫ବର୍ଷ ବୟସରେ ହୃଦ୍‌ଘାତ ଯୋଗୁଁ ପରଲୋକ ହୋଇଯାଇଛି। ଗତ ୨୨ତାରିଖ ଦିନ ଦୋକାନରେ ବ୍ୟବସାୟ କରୁଥିବା ବେଳେ ଶ୍ରୀବେହେରା ହୃଦ୍‌ଘାତର ଶୀକାର ହୋଇଥିଲେ । ଏହି ପରିପେକ୍ଷିରେ ବୁଧବାର ଦିନ ଶ୍ରୀବେହେରାଙ୍କ ଏକାଦଶାହ ଉପଲକ୍ଷେ ତାରେଣୀ ମାର୍କେଟ ପରିସରରେ ବ୍ୟବସାୟୀମାନେ ଅଶ୍ରୁଳ ଶ୍ରଦ୍ଧାଳି ଦେଇଥିଲେ । ରାମ ଚନ୍ଦ୍ର ସ୍ୱାଇଁ,-ସଂଜୟ ପରିଡା, ଧିରେନ୍ଦ୍ର ସାମଲ, କେଳୁ ଚରଣ ବରାଳ, ସନ୍ତୋଷ ପାଲ, ପବିତ୍ର ପରିଡା ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟରେ ଏଡ୍‌ସ୍ ସଚେତନତା ଶିବିର

ଜଳେଶ୍ୱର, ୨/୧୨ (ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିରେ ଅବସ୍ଥିତ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡକ୍ରସ ଓ୍ୟୁଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀକ ଏଡ୍‌ସ୍ ଦିବସ ଗତ ସୋମବାରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଚେତନତା ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇ ଏଡ୍‌ସ୍‌ର ଭୟାବହତା ସମ୍ପର୍କରେ କହିଥିଲେ । ରେଡକ୍ରସ ଅଫସର ଚନ୍ଦ୍ରଲେଖା ମହାକୂଳ ଏଡ୍‌ସପ୍ରତି ସଜାଗ ରହିବା ଓ ଅନ୍ୟକୁ ସଚେତନ କରାଇବାଲାଗି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏନ୍‌ଏସ୍‌ଏସ୍ ପ୍ରଗ୍ରାମ୍ ଅଫିସର ଉଦୟ କୁମାର ଗିରି ଔଷଧ ଠାରୁ ସଚେତନତା ଏଡ୍‌ସ୍‌କୁ ରୋକାଯିବାର ଉତ୍ତମ ମାଧ୍ୟମ ବୋଲି କହିଥିଲେ । ଅଧ୍ୟାପିକା ମାମୀରାଣୀ ମହାନ୍ତି, ସାମ୍ପ୍ରତିକ ସମାଜରେ ଏଡ୍‌ସ୍ କରୋନାଭଳି ମାରାତ୍ମକ ରୋଗର ନିସ୍ତାରଲାଗି ନିଜେ ସଚେତନା ହୋଇ ଅନ୍ୟକୁ ସଚେତନା କରାଯିବା ଉଚିତ୍ ବୋଲି କହିଥିଲେ । ଅଧ୍ୟାପିକା ସୁରତି ଦେ ଓ ଅଧ୍ୟପକ ନୀଳକଣ୍ଠ ଖଣ୍ଡା ଏଥିରେ ବକ୍ତବ୍ୟ ରଖିଥିଲେ ।

କର୍ଣ୍ଣାଟକରେ ଗତ ୨୪ ଘଂଟାରେ ୧,୪୪୦ କରୋନାର ନୂଆ ମାମଲା

ବେଙ୍ଗାଲୁରୁ , ୦୨।୧୨ (ନି.ପ୍ର): କର୍ଣ୍ଣାଟକରେ ଗତ ୨୪ ଘଂଟାରେ ୧,୪୪୦ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

ଆଗାମୀ ଜୁନ୍ ମାସ ପର୍ଯ୍ୟନ୍ତ ପାରାଦୀପ ସହରବାସୀ ଜଳ ସଂକଟର ସମ୍ମୁଖୀନ ହେବେ

ପାରାଦୀପ, ୦୨।୧୨ (ନି.ପ୍ର): ଆଗାମୀ ଜୁନ୍ ମାସ ପର୍ଯ୍ୟନ୍ତ ପାରାଦୀପ ସହରବାସୀ ଜଳ ସଂକଟର ସମ୍ମୁଖୀନ ହେବେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ଦ୍ୱାରା ତାଳଦଣ୍ଡା କେନାଲ ର ନବୀକରଣ କରାଯିବ । ତାଳଦଣ୍ଡା କେନାଲରେ ଜୁନ୍ ମାସ ପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହିବ । ପାରାଦୀପ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ବନ୍ଦରାଂଚଳର ବିଭିନ୍ନ ସ୍ଥାନକୁ ଦିନକୁ ଦୁଇଥର ପାନୀୟ ଜଳ ଯୋଗାଇ ଥାଏ । ତାଳଦଣ୍ଡା କେନାଲରୁ ପାରାଦୀନ ବନ୍ଦର, ଇଫ୍‌କୋ, ପିପିଏଲ୍ ଭଳି ଶିଳ୍ପସଂସ୍ଥାମାନେ ପାନୀୟ ଜଳ ସଂଗ୍ରହ କରିଥାଆନ୍ତି । ତାଳଦଣ୍ଡା କେନାଲରେ ପାଣି ନ ଅସିଲେ ଯେକୌଣସି ମୁହୂର୍ତ୍ତରୁ ଏହାକୁ ନିୟନ୍ତ୍ରିତ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ବିନାୟକ ପ୍ରଧାନ ସୂଚନା ଦେଇଛନ୍ତି । ତେଣୁ ସହରବାସୀ ଯତ୍ନର ସହିତ ପାଣିର ସୁବ୍ୟବହାର କରି ଏ କଠିନ ସମୟରେ ପ୍ରଶାସନକୁ ସହଯୋଗ କରିବାକୁ ସେ ନିବେଦନ କରିଛି । ତେବେ ଅନ୍ୟ ଏକ ସ୍ଥାନରୁ ପାନୀୟ ଜଳ ଆଣି ସହରବାସୀଙ୍କୁ ଯୋଗାଇବାକୁ ବନ୍ଦର ପ୍ରଶାସନ ଉଦ୍ୟମ ଆରମ୍ଭ କରୁଛି ।

ନିଆଁ ଲାଗି ୫ବଖରା ଘର ଭସ୍ମୀଭୂତ

ଡେଲାଙ୍ଗ ୦୨।୧୨ (ନି.ପ୍ର): ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ରେଚଂ ପଟ୍ଟାୟତ ପଲ୍ଲୀ ଗ୍ରାମରେ ବିଳମ୍ବିତ ରାତିରେ ମଶା ଧୁଆଁ ରୁ ନିଆଁ ଲାଗି ୫ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଛି । ପ୍ରତାପ ବେହେରାଙ୍କ ଗୁହାଳ ଘର ମଶାଧୁଆଁ ରୁ ଅଗ୍ନିକାଣ୍ଡ ଘଟି ସନାତନ ରାଉତ,ଚିତରଜଂନ ରାଉତ,କରୁଣାକର ପ୍ରଧାନ,ଭ୍ରମର ପ୍ରଧାନ ,ପ୍ରତାପ ବେହେରା ଙ୍କ ୫ବଖରା ଘର ସହ ଖାଦ୍ୟଶଷ୍ୟ,ଲୁଗାପଟା,ବହିପତ୍ର ଓ ବୈଦ୍ୟୁତିକ ସରଜାମ ଜଳି ପୋଡି ପାଉଁଶ ହୋଇ